୧ ବର୍ଷ ବୟସରେ ଇତିହାସ ରଚିଲେ ବେଦ ପରେଶ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୧୬ ● ୧୪ ଡିସେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-316 ● 14th December 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟପାଳଙ୍କ ଦ୍ୱାରା ପୂର୍ବୋଦୟ ଦୃଷ୍ଟିକୋଣ ୨୦୨୫ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତକୁ ଗଢ଼ି ତୋଳିବ

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ପୂର୍ବ ଭାରତର ଉଦୟ ଦେଶର ଭବିଷ୍ୟତକୁ ଗଢି ତୋଳିବ ବୋଲି ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର ଦିନ ଭୁବନେଶ୍ୱର ଠାରେ ଆୟୋଜିତ 'ପୂର୍ବୋଦୟ ଦୃଷ୍ଟିକୋଣ -୨୦୨୫ ' ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି।

ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ,ପୂର୍ବ ଭାରତର ଉଦୟ ଭାରତର ଭବିଷ୍ୟତର ଅଭିବୃଦ୍ଧି ପଥକୁ ପରିଭାଷିତ କରିବ ଏବଂ ଓଡ଼ିଶାର ପ୍ରଗତି ସମଗ୍ର ଅଞ୍ଚଳରେ ବିକାଶର ଏକ ନୂତନ ପର୍ଯ୍ୟାୟକୁ ପ୍ରଜ୍ୱଳିତ କରିବ । ଏହି କାର୍ଯ୍ୟକ୍ରମ କେବଳ ଏକ ଶିକ୍ଷାଗତ କିମ୍ବା ନୀତିଗତ ମଞ୍ଚ ନୁହେଁ ବରଂ ଭାରତର କ୍ରମ ବିକଶିତ ଆକାଂକ୍ଷା, ସଭ୍ୟତାଗତ ଆତ୍ମବିଶ୍ୱାସ ଏବଂ ପୂର୍ବ ଭାରତର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ସାମୂହିକ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ରାଜ୍ୟପାଳ କହିଥିଲେ।



ରାଜ୍ୟପାଳ ସ୍ମରଣ କରାଇ ଦେଇଥିଲେ ଯେ, ପୂର୍ବ ଭାରତ ଏକଦା ସମୃଦ୍ଧିର ଆଲୋକବର୍ତ୍ତିକା ଥିଲା । ଏହା ସମୃଦ୍ଧ ବନ୍ଦର, ବ୍ୟାପକ ବାଣିଜ୍ୟ ନେଟୱାର୍କ, ପ୍ରସିଦ୍ଧ ଶିକ୍ଷା କେନ୍ଦ୍ର ଏବଂ ସାଧବ ଗୋଷ୍ଠୀ ପାଇଁ ଗର୍ବ କରୁଥିଲା। କିନ୍ତୁ ସମୟ ସହିତ ଐତିହାସିକ ବାଧା, ଦୀର୍ଘକାଳ ଧରି ଅବହେଳା ଏବଂ ଭିତ୍ତିଭୂମିଗତ ପ୍ରତିବନ୍ଧକ ଏହି ଅଞ୍ଚଳକୁ ପଛରେ ପକାଇ ଦେଇଥିଲା।

ରାଜ୍ୟପାଳ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଏବେ ଏକ ଐତିହାସିକ ମୋଡ଼ରେ ପହଞ୍ଚିଛି। ପୂର୍ବୋଦୟ ମିଶନର ଶୁଭାରମ୍ଭ ଏହି ସ୍ୱୀକୃତିକୁ ପ୍ରତିଫଳିତ କରେ ଯେ, ପୂର୍ବ ଭାରତର ଉତଥାନ କେବଳ ଏହି ଅଞ୍ଚଳ ପାଇଁ ନୁହେଁ ବରଂ ଦେଶର ସାମଗ୍ରିକ ପ୍ରଗତି ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନର ଦୃଷ୍ଟିକୋଣ ପାଇଁ ଗୁରୁତ୍ୱପୂର୍ଣ୍ଣ।

ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ ଏହି ଅଞ୍ଚଳ ସମ୍ପ୍ରତି ସଂଯୋଗୀକରଣ, ଭିତ୍ତିଭୂମି, ଶିଳ୍ପ, ଶକ୍ତି ଏବଂ ମାନବ ବିକାଶରେ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି, ଯାହା ରାସ୍ତା, ରେଳପଥ, ବନ୍ଦର, ବିମାନବନ୍ଦର ଏବଂ ଡିଜିଟାଲ୍ ନେଟୱାର୍କରେ ଗୁରୁତ୍ୱପୂର୍ଣ୍ଣ ନିବେଶ ଦ୍ୱାରା ପରିଚାଳିତ ହେଉଛି ।

ପୂର୍ବୋଦୟ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଭୂମିକା *(ପୃଷ୍ଠା ୭ରେ)*

## ମହାନଦୀ ଜଳ ବିବାଦ : ୨୨ରେ

# ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ ଆସନ୍ତା ୨୨ ତାରିଖ ଅପରାହ୍ନ ୪ଟାରେ ଲୋକସେବା ଭବନରେ ଅନୁଷ୍ଠିତ ହେବ। ଏଥିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଅଧ୍ୟକ୍ଷତା କରିବେ ଓ କମିଟିର ସଦସ୍ୟ ଏବଂ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ଜଣାଯାଇଛି।

ଟ୍ରିବ୍ୟୁନାଲ୍‌ରେ ମାମଲା ଚାଲିଥିବାବେଳେ ବିଭିନ୍ନ ସମୟରେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ମଧ୍ୟରେ ବିଭିନ୍ନ ଦିଗରେ ଆଲୋଚନା ହେଉଛି। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ସମ୍ମୁଖରେ ଚାଲୁଥିବା ଆଲୋଚନା ଓ ପ୍ରକ୍ରିୟାଗୁଡ଼ିକୁ ଦୃଷ୍ଟିରେ ରଖି ଏବଂ ମହାନଦୀ ଜଳ ବିଷୟର ଜଟିଳତା ଓ ଭାବପ୍ରବଣତାର ଗୁରୁତ୍ୱକୁ ମନେ କରି ରାଜ୍ୟ ସରକାର ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଗଠିତ ଏହି କମିଟିରେ ବିଜେପି, ବିଜେଡି ଓ କଂଗ୍ରେସ ଦଳର ପ୍ରତିନିଧିଙ୍କୁ ସ୍ଥାନିତ କରାଯାଇଛି। ଓଡ଼ିଶାରେ ଯେଉଁ ଜିଲ୍ଲାଗୁଡ଼ିକ ଦେଇ ମହାନଦୀ ବହିଛି ସେଥିରୁ କେତେକ ଜିଲ୍ଲାର ବିଧାୟକମାନଙ୍କୁ ଏଥିରେ ସାମିଲ୍ କରାଯାଇଛି। ଏହି ୮ଜଣିଆ କମିଟିରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ମନ୍ତ୍ରୀ



ସମ୍ପଦ ଚନ୍ଦ୍ର ସ୍ୱାଇଁ, ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଓ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ୍ ସଦସ୍ୟ ଅଛନ୍ତି। ଏହି କମିଟି ମହାନଦୀ ଜଳ ସମ୍ବନ୍ଧୀୟ ସମସ୍ତ ପ୍ରାସଙ୍ଗିକ ଦିଗକୁ ପରୀକ୍ଷା କରିବ ଏବଂ ରାଜ୍ୟର ବୈଷୟିକ, ପ୍ରଶାସନିକ ସ୍ତରରେ ଚାଲୁଥିବା ପ୍ରୟାସଗୁଡ଼ିକୁ ଆବଶ୍ୟକ ନୀତିଗତ ଦିଗଦର୍ଶନ ପ୍ରଦାନ କରିବ ବୋଲି କୁହାଯାଇଛି।

କମିଟି ଘୋଷଣା ହେବା ପରେ କମିଟିର ସଦସ୍ୟ ଜୟନାରାୟଣ ମିଶ୍ର ଗଣମାଧ୍ୟମକୁ କହିଥିଲେ ଯେ ପୂର୍ବ ସରକାର ଟ୍ରିବ୍ୟୁନାଲ୍‌କୁ ଯିବା ଏକ ଭୁଲ ନିଷ୍ପତ୍ତି। ଏହାର ରାଜନୈତିକ ସମାଧାନ ଆବଶ୍ୟକ। ପୂର୍ବରୁ ନୀତିନ ଗଡ଼କରୀ ଆପୋସ ସମାଧାନ ପାଇଁ ଡାକିଥିବା ବେଳେ ସେତେବେଳେ ରାଜ୍ୟ ସରକାର ରାଜନୈତିକ ସମାଧାନ ନକରି କାହିଁକି ଟ୍ରିବୁନାଲ୍ ଗଲେ ଜାଣିନାହିଁ। ଟ୍ରିବୁନାଲ୍‌କୁ ଯିବା ଦ୍ୱାରା ପ୍ରକ୍ରିୟା ବିଳମ୍ବ ହୋଇଛି। ମୁଖ୍ୟମନ୍ତ୍ରୀ ଯେଉଁ କମିଟି ଗଠନ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ମହାନଦୀ ବିବାଦର ସମାଧାନ ପାଇଁ ଆମେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବୁ। ଏହାସହ ସେ କହିଥିଲେ ଯେ ଛତିଶଗଡ଼ ଯେମିତି ମହାନଦୀରେ ବ୍ୟାରେଜ କଲା, ଓଡ଼ିଶା ସରକାର ମଧ୍ୟ ସେହିପରି ବ୍ୟାରେଜ କରିବା ଆବଶ୍ୟକତା ଥିଲା। ହୀରାକୁଦ ବନ୍ଧର ତଳମୁଣ୍ଡରେ ଆହୁରି ବ୍ୟାରେଜ ନିର୍ମାଣ କରିବା କଥା। ଏବେ ରାଜନୈତିକ ସମାଧାନ ହୋଇଗଲେ ମହାନଦୀ ଜଳ ବିବାଦ ତୁଟିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି କମିଟିର ଅନ୍ୟତମ ସଦସ୍ୟ ସୋଫିଆ ଫିର୍ଦ୍ଦୋସ୍ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବୀମା ସଂଶୋଧନ ବିଲ୍‌କୁ କେନ୍ଦ୍ର ମନ୍ତ୍ରିମଣ୍ଡଳର ମଞ୍ଜୁରୀ, ଆର୍ଥିକ କ୍ଷେତ୍ରରେ ବଡ଼ ପରିବର୍ତ୍ତନ।
- ସବ୍‌ଇନ୍ସପେକ୍ଟର ନିଯୁକ୍ତି ଘୋଟାଲା ମାମଲାରେ ତଦନ୍ତ ଜୋରଦାର, ଆଉ ଜଣେ ଅଭିଯୁକ୍ତ ଗିରଫ।
- ଭାରତ ଓ ଓମାନ ମଧ୍ୟରେ ବାଣିଜ୍ୟ ଓ ନିବେଶ ଚୁକ୍ତିକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ।
- ଝାଡଖଣ୍ଡ ପୋଲିସ୍ ଦ୍ୱାରା ନକ୍ସଲ ମୋତିଲାଲ ଓରଫ ଚୁନ୍ନା କୁସ୍ତୁ ଗିରଫ।
- ଡିଜିଟାଲ ସ୍ୱାସ୍ଥ୍ୟ ସେବାକୁ ବିସ୍ତାର କରିବା ପାଇଁ ନୂଆ ଯୋଜନା ଆରମ୍ଭ।
- କେନ୍ଦ୍ରାପଡ଼ା ଜିଲ୍ଲାର ଏକ ବିଦ୍ୟାଳୟରେ ନବମ ଶ୍ରେଣୀ ଛାତ୍ରଙ୍କ ପାଖରୁ ବନ୍ଧୁକ ଜବତ।
- ମାଲକାନଗିରି ହସ୍ପିଟାଲରେ ଚିକିତ୍ସା ଅବହେଳା ଅଭିଯୋଗ, ତଦନ୍ତ ପ୍ରକ୍ରିୟା ଜୋରଦାର।
- ପୁରୀରେ ଆଧୁନିକ ଉଦ୍ଧାର ଓ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ, ସମୁଦ୍ର ସୁରକ୍ଷା ମଜଭୁତ।
- ଭୁବନେଶ୍ୱରର ଏକ ଶିକ୍ଷାନୁଷ୍ଠାନ ପରିସରରେ ଏମ୍‌ବିଏ ଛାତ୍ରଙ୍କ ମୃତଦେହ ଉଦ୍ଧାର।

## କୋଲ୍ଡ ଷ୍ଟୋରେଜ୍ କନକ୍ଲେଭ୍ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ

# କୃଷିର ନିରନ୍ତର ଅଭିବୃଦ୍ଧି ପାଇଁ ଶୀତଳ ଭଣ୍ଡାର ଏକ ସହାୟକ ପରିବେଶ ସୃଷ୍ଟି କରିବ

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ଆପିକଲ, ଆସୋଚାମର ମିଳିତ ସହଯୋଗରେ, ଆଇଟିସି ୱେଲକମ ହୋଟେଲ ଠାରେ ଶୀତଳ ଭଣ୍ଡାର କନକ୍ଲେଭ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀ -୨୦୨୫ ସଫଳତାର ସହିତ ଆୟୋଜନ ହୋଇଯାଇଛି, ଯାହା ନୀତି ନିର୍ଦ୍ଧାରକ, ଶିଳ୍ପ ନେତା, କୃଷି-ଉଦ୍ୟୋଗୀ, ଚାଷୀ ଗୋଷ୍ଠୀ, ଆର୍ଥିକ ପ୍ରତିଷ୍ଠାନ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କୁ ଏକତ୍ରିତ କରିଛି । ଏହା ଦ୍ୱାରା ଓଡ଼ିଶାର ଶୀତଳ ଭଣ୍ଡାର ଓ ଅମଳ ପରବର୍ତ୍ତୀ ଭିତ୍ତିଭୂମିର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରାଯାଇପାରିବ।

ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଥିଲେ । ପ୍ରଥମେ ପ୍ରଦର୍ଶନୀର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ ଏବଂ *(ପୃଷ୍ଠା ୭ରେ)*



# ନୋବେଲ ଶାନ୍ତି ପୁରସ୍କାର ବିଜେତା ନରଗିସ ମୋହମ୍ମଦି ପୁଣି ଗିରଫ

**ତେହେରାନ, ୧୩।୧୨**

ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ନର୍ଗିସ୍ ମୋହମ୍ମଦୀଙ୍କୁ ପୁନର୍ବାର ଗିରଫ କରାଯାଇଛି। ସେ ଇରାନର ଦ୍ୱିତୀୟ ସବୁଠୁ ବଡ଼ ସହର ମଶହଦରେ ଏକ ଶୋକସଭାରେ ଅଂଶଗ୍ରହଣ କରୁଥିବା ସମୟରେ ଗିରଫ ହୋଇଥିଲେ। ଏହି ସମାରୋହର ଗୋଟିଏ ଭିଡିଓରେ ସେ ହିଜାବ୍ ବିନା ଭିଡ଼କୁ ସମ୍ବୋଧନ କରି ସ୍ଲୋଗାନ୍ ଦେଇଥିବା ଦେଖାଯାଉଛି। ନରୱେର ନୋବେଲ୍ କମିଟି ତାଙ୍କ ଗିରଫକୁ ନିନ୍ଦା କରି ତେହେରାନକୁ ତାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ସହିତ ତାଙ୍କୁ ନିଃସର୍ତ୍ତ ମୁକ୍ତ କରିବାକୁ ଆହ୍ୱାନ କରିଛି।



ଗଣମାଧ୍ୟମ ଗ୍ରୁପ 'ଇରାନ୍ ଇଣ୍ଟରନ୍ୟାସନାଲ୍' ମଶହଦର ଗଭର୍ଣ୍ଣର୍ ହସନ୍ ହୁସେନୀଙ୍କ ଉଦ୍ଧୃତି ଦେଇ କହିଛି ଯେ, ଉତ୍ତର-ପୂର୍ବ ସହର ମଶହଦରେ ଏକ ଶୋକସଭା ସମୟରେ ସୁରକ୍ଷା ବଳ ନୋବେଲ୍ ଶାନ୍ତି ପୁରସ୍କାରରେ ସମ୍ମାନିତ ନର୍ଗିସ୍ ମୋହମ୍ମଦୀ ଓ ଅନ୍ୟାନ୍ୟ କିଛି କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଥିଲେ । ହୁସେନୀ ରାଜ୍ୟ ଗଣମାଧ୍ୟମକୁ କହିଛନ୍ତି ଯେ, ଭିଡ଼ ନିୟନ୍ତ୍ରଣରୁ ବାହାରିଯିବାରୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ଗିରଫ କରାଯାଇଥିଲା। ସେ ଆହୁରି କହିଛନ୍ତି ଯେ, ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ ପକ୍ଷରୁ ଟକ୍କର ହେବାର ଆଶଙ୍କା ଥିବାରୁ ସୁରକ୍ଷା ଉଦ୍ଦେଶ୍ୟରେ ଏହି ଗିରଫ କରାଯାଇଛି।

# ଭାରତ-ଚୀନ୍ ମଧ୍ୟରେ ଦ୍ୱିପାକ୍ଷୀୟ ସମ୍ପର୍କରେ ସକାରାତ୍ମକ ପ୍ରଗତି ଉପରେ ସହମତି

**ନୂଆଦିଲ୍ଲୀ, ୧୩।୧୨**

ଭାରତ ଏବଂ ଚୀନ୍ ମଧ୍ୟରେ ବିଦେଶ ମନ୍ତ୍ରଣାଳୟ ସ୍ତରର ପରାମର୍ଶ ବୈଠକକୁ ଚୀନ ଦୂତାବାସ ସମୟୋଚିତ ଏବଂ ଫଳଦାୟୀ କହିଛନ୍ତି।

ବିଦେଶ ମନ୍ତ୍ରଣାଳୟରେ ସଂଯୁକ୍ତ ସଚିବ(ପୂର୍ବ ଏସିୟା) ସୁଜିତ ଘୋଷ ଏବଂ ଚୀନ ବିଦେଶ ମନ୍ତ୍ରଣାଳୟର ଏସିୟା ମାମଲାର ବିଭାଗର ମହାନିର୍ଦ୍ଦେଶକ ଲିୟୁ ଜିନସୋଙ୍ଗ ମଧ୍ୟରେ ବିଜିଂଗରେ ଦ୍ୱିପାକ୍ଷୀୟ ସମ୍ବନ୍ଧର ପ୍ରଗତିକୁ ନେଇ କଥାବାର୍ତ୍ତା ହୋଇଛି।

ଭାରତରେ ଚୀନ ଦୂତାବାସର ପ୍ରବକ୍ତା ୟୁ ଜିଙ୍ଗ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି ଯେ ଦୁଇ ଦେଶର ବିଦେଶ ମନ୍ତ୍ରଣାଳୟର ଅଧିକାରୀଙ୍କ ମଧ୍ୟରେ ପରାମର୍ଶର ଏହି ନୂଆ ଦିଗ ସକାରାତ୍ମକ ମାହୋଲରେ ଆୟୋଜିତ କରାଯାଇଛି। ସେ କହିଛନ୍ତି ଯେ ବୈଠକରେ ଦ୍ୱିପାକ୍ଷୀୟ ସମ୍ବନ୍ଧରେ ହୋଇଥିବା ସକାରାତ୍ମକ ଗତି ଉପରେ ଚର୍ଚ୍ଚା ହୋଇଛି।

ୟୁ ଜିଙ୍ଗଙ୍କ ଅନୁଯାୟୀ, ଦୁଇ ପକ୍ଷ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ *(ପୃଷ୍ଠା ୭ରେ)*

# ମାଲକାନଗିରି ହିଂସା ଘଟଣାରେ ୬ ଗିରଫ

**ମାଲକାନଗିରି, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ଏମଭି ୨୬ ଗ୍ରାମରେ ବିଏନଏସଏସ ୧୬୩ ଧାରା ଉଚ୍ଛେଦ କରାଯାଇଛି ବୋଲି ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ମଧ୍ୟ ଉପସ୍ଥିତ ଥିଲେ। ଅଧିକାଂଶ ଗ୍ରାମବାସୀ ନିଜ ନିଜ ଘରକୁ ପ୍ରତ୍ୟାବର୍ତ୍ତନ କରିଥିବା କଥା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏମଭି ୨୬ ଗ୍ରାମରେ ଶାନ୍ତି ଫେରିଛି। ଇଣ୍ଟରନେଟ୍ ସେବାକୁ ଆହୁରି ୩୬ ଘଣ୍ଟା



ଅର୍ଥାତ୍ ସୋମବାର ଅପରାହ୍ନ ୧୨ ଟା ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ଶାନ୍ତି କମିଟି ବୈଠକ କରାଯାଇଛି। ଶାନ୍ତି କମିଟି ବୈଠକ ସଫଳ ହୋଇଛି। ସମସ୍ତଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ବଭଳି ଫେରି ଆସିଛି।

ପୁଲିସ ଅଧିକାରୀଙ୍କ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳ ମାନଙ୍କରେ ମଧ୍ୟ ଶାନ୍ତି କମିଟି ବୈଠକ କରାଯାଉଛି। ସେହିପରି *(ପୃଷ୍ଠା ୭ରେ)*

# ଓଡ଼ିଶାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ପହଞ୍ଚିଲେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ । ରବିବାର କଟକରେ ହାଇକୋର୍ଟ ବାର ଆସୋସିଏସନର ଏକ କାର୍ଯ୍ୟକ୍ରମରେ ଯୋଗ ଦେବେ ପ୍ରଧାନ ବିଚାରପତି । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ବାର ଆସୋସିଏସନ୍ ପକ୍ଷରୁ ସ୍ୱାଗତ କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଅଣାଯାଇଥିଲା ।

## ସୁନା ଦର

| | |
|---|---|
| ୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୩,୩୯୧ (-୨୭) |
| ୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୨,୨୭୫ (-୨୫) |
| ୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ | ୧୦,୦୪୩ (-୨୧) |

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୧୦ (-୫)

# ରାଜସ୍ୱ ବିଭାଗରେ ୧୪୧୪ ପଦବୀ ପୂରଣ ଲାଗି ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରାଯାଇଛି। ରାଜ୍ୟରେ ଖାଲି ପଡ଼ିଥିବା ୨୯୬ ଆରଆଇ, ୫୭୨ ଏଆରଆଇ ଓ ୫୪୬ ଅମିନ ପଦବୀ ପୂରଣ ପାଇଁ ଓଡ଼ିଶା ଓସିଏସଏସଏସସି ନିକଟରେ ଅନଲାଇନ୍ ରିକ୍ୱିଜିସନ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗର ଅତିରିକ୍ତ ସଚିବଙ୍କ ଦ୍ୱାରା ଜାରି ହୋଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ଗତ ୧୭ ନଭେମ୍ବର ୨୦୨୫ରେ ଜାରି ହୋଇଥିବା ଚିଠି ମାଧ୍ୟମରେ ସବୁ ଜିଲ୍ଲାକୁ ନୂଆ ଅନଲାଇନ୍ ରିକ୍ୱିଜିସନ୍ ଦାଖଲ *(ପୃଷ୍ଠା ୭ରେ)*

## ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

# ମୋର ବର୍ଦ୍ଧିତ ଦରମା ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯାଉ



**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ବିଧାୟକଙ୍କ ଦରମା ବୃଦ୍ଧି ସଂପ୍ରତି ରାଜ୍ୟରେ ସବୁଠୁ ବଡ଼ ବିତର୍କର ବିଷୟ ପାଲଟିଛି। ରାଜ୍ୟବାସୀ ବିଧାୟକଙ୍କ ଦରମା ଅହେତୁକ ବୃଦ୍ଧିକୁ ସହଜରେ ଗ୍ରହଣ କରି ପାରୁ ନାହାନ୍ତି। ଏହା ମଧ୍ୟରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବଡ଼ ଘୋଷଣା କରିଛନ୍ତି। ବର୍ଦ୍ଧିତ ଦରମା ନେବେନି ବୋଲି କହିଛନ୍ତି ନବୀନ। ବର୍ଦ୍ଧିତ ଦରମାକୁ ଗରିବ ଲୋକଙ୍କ ପାଇଁ ଖର୍ଚ୍ଚ କରାଯାଉ ବୋଲି ସେ କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଶନିବାର ଚିଠି ଲେଖିଛନ୍ତି ନବୀନ ପଟ୍ଟନାୟକ।

ସେ ଏକ୍ସରେ ପୋଷ୍ଟ କରି କହିଛନ୍ତି, ଗତ ୨୫ ବର୍ଷରୁ ଅଧିକ ସମୟ ଧରି ଓଡ଼ିଶା ଲୋକଙ୍କ ପ୍ରେମ, ସ୍ନେହ ଏବଂ ସମର୍ଥନରେ ମୁଁ ଆଶୀର୍ବାଦ ପାଇଛି। ମୁଁ ଓଡ଼ିଶାବାସୀଙ୍କ ପ୍ରତି ଓ ମୋ ପ୍ରତି ଏବଂ ମୋର ସ୍ୱର୍ଗତପିତା ବିଜୁ ପଟ୍ଟନାୟକଙ୍କ ପ୍ରତି ସେମାନଙ୍କର ପ୍ରେମ ପାଇଁ ଅତ୍ୟନ୍ତ ଋଣୀ। ପୂର୍ବରୁ ଆମର ପରିବାର କଟକରେ ଥିବା ପୈତୃକ ସମ୍ପତ୍ତି 'ଆନନ୍ଦ ଭବନ' ଦାନ କରିବାକୁ ନିଷ୍ପତ୍ତି ନେଇଥିଲା। ସମାନ ଭାବନାରେ ମୁଁ ବିରୋଧୀ *(ପୃଷ୍ଠା ୭ରେ)*

# ଓଡ଼ିଶାରେ ଶୀତ ଲହରି ଜାରି : ଘୁ.ଉଦୟଗିରିରେ ୩.୧ ଡିଗ୍ରୀ ତାପମାତ୍ରା ରେକର୍ଡ଼

**ଭୁବନେଶ୍ୱର, ୧୩।୧୨**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଶୀତର ଲହରି ଜାରି ରହିଛି। ବିଭିନ୍ନ ସ୍ଥାନରେ ତୁଷାରପାତ ହେଉଥିବାର ଖବର ମିଳିଛି। ଘୁ.ଉଦୟଗିରି ଅଞ୍ଚଳରେ ଦ୍ୱିତୀୟ ଦିନ ପୁଣି ୩.୧ ଡିଗ୍ରି ତାପମାତ୍ରା ରେକର୍ଡ଼ କରାଯାଇଛି। ଆଗାମୀ ସପ୍ତାହ ପର୍ଯ୍ୟନ୍ତ ଶୀତ ଲହରିରୁ ନିସ୍ତାର ନାହିଁ।

ଏଣେ ଥଣ୍ଡା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ। ଉପକୂଳରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ଓଡ଼ିଶା ସବୁଆଡେ ହାଡ଼ଭଙ୍ଗା ଶୀତ । କୋରାପୁଟଜିଲ୍ଲା ଦାମନଯୋଡ଼ିରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଛି । କନ୍ଧମାଳ ଜିଲ୍ଲା ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୧ ଡିଗ୍ରୀ ରେକର୍ଡ କରାଯାଇଛି। କନ୍ଧମାଳ ଦାରିଙ୍ଗବାଡ଼ିରେ ପ୍ରବଳ ଶୀତ ସାଙ୍ଗକୁ ତୁଷାରପାତ ଦେଖିବାକୁ ମିଳିଛି ।

ପାହାଡିଆ ଅଞ୍ଚଳରେ ୫ ଡିଗ୍ରୀ ତଳେ ରହିପାରେ ତାପମାତ୍ରା । ରାଜ୍ୟର ଅନ୍ୟାନ୍ୟ ସ୍ଥାନ ଗୁଡ଼ିକରେ ମଧ୍ୟ ତଳ ମୁହାଁ ରହିବ ପାରଦ। ଭାରତୀୟ ପାଣିପାଗ ବିଜ୍ଞାନ ଏଭଳି ଆକଳନ କରିଛି । ଜାତୀୟ ରାଜପଥରେ କୁହୁଡ଼ିର ପ୍ରଭାବ, ଜନଜୀବନ ଅସ୍ତବ୍ୟସ୍ତ । ଝାରସୁଗୁଡ଼ାରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି । ସକାଳ ୫ଟା ୩୦ ସୁଦ୍ଧା ଏଠାରେ ତାପମାତ୍ରା ୮.୮ ଡିଗ୍ରୀ ରେକର୍ଡ କରାଯାଇଛି।।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଡିସେମ୍ବର ୨୦୨୫ ରବିବାର





# ସମାଜରୁ ଲିଙ୍ଗ ଭିତ୍ତିକ ହିଂସା ମୂଳୋତ୍ପାଟନ ପାଇଁ ଗୁରୁତ୍ୱ

ବାରିପଦା,ନ୍ୟୁଜ ବ୍ୟୁରୋ: ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ଭବନରେ ଜିଲ୍ଲାସ୍ତରୀୟ ସଂଗଠନ ଓ ସାଧନା ମିଳିତ ଆନୁକୂଲ୍ୟରେ, ହାଣ୍ଡିକାପ ଇଣ୍ଟରନସନାଲ ଓ ଇଉରୋପୀୟ ୟୁନିଅନ ସହାୟତାରେ ଲିଙ୍ଗ ଭିତ୍ତିକ ହିଂସା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ସମାହିତା ପ୍ରୋଜେକ୍ଟର କ୍ଷେତ୍ର ସଂଯୋଜିକା ସ୍ୱର୍ଣ୍ଣଜିତ କୁମାରୀ ମହାପାତ୍ର ସଭାକୁ ପରିଚାଳିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଏସପି ସବିତା ମାଝୀ, ସମ୍ମାନନୀୟ ଅତିଥି ଭାବେ ଡ଼ିସିପିଓ ମମତାମୟୀ ବିଶ୍ୱାଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡ଼ିପିଏମ ଅନିଲ କୁମାର ମହାନ୍ତି, ଜିଲ୍ଲା ଭିନ୍ନକ୍ଷମ ସଂଗଠନର ମୁଖ୍ୟ କୁଳମଣି ନାଏକ ଓ ମନୋରଞ୍ଜନ ଜେନା, ସାଧନା ପ୍ରୋଗ୍ରାମ ମ୍ୟାନେଜର ସମୀରଣ ଘୋଷ ଓ ମୁଖ୍ୟବକ୍ତା ଭାବେ ସାଧନା ନିର୍ଦ୍ଦେଶକ ପ୍ରଭାକର ସାହୁ ଯୋଗ ଦେଇ ଲିଙ୍ଗ ଭିତ୍ତିକ ହିଂସା କ'ଣ ଓ ଏହାକୁ କିପରି ସମାଜରୁ ମୂଳୋତ୍ପାଟନ କରାଯାଇ ପାରିବ ସେ ବିଷୟରେ ଉଦବୋଧନ ଦେଇଥିଲେ । ଏହି ଅବସରରେ ବାରିପଦା ଓ ଶୁଳିଆପଦା ବ୍ଲକ ୧୯ଟି ଗ୍ରାମ ପଂଚାୟତ ଆସିଥିବା ପିଆରଆଇ ମେମ୍ବର, ସରପଞ୍ଚ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଭିଓପିଡ଼ି ମେମ୍ବର ଓ ଭିଆରପି ମେମ୍ବର ମାନେ ଯୋଗ ଦେଇ ପରିବାରରେ, ସମାଜରେ ଓ ଗାଁ ମାନଙ୍କରେ ହେଉଥିବା ଲିଙ୍ଗ ଭିତ୍ତିକ ହିଂସାକୁ ହ୍ରାସ କରିବା ପାଇଁ ସଂକଳ୍ପ କରିଥିଲେ । ସମସ୍ତେ ମିଳିମିଶି ସମାଜକୁ ସଚେତନ କରିବା ବୋଲି ଜଣାଇଥିଲେ । ବିଭିନ୍ନ ବିଭାଗରୁ ଆସିଥିବା ମୁଖ୍ୟ ଅଧିକାରୀ ମାନେ ମଧ୍ୟ ସମାଜରେ ହେଉଥିବା ଲିଙ୍ଗଭିତ୍ତିକ ହିଂସାକୁ ହ୍ରାସ କରିବା ପାଇଁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବେ ବୋଲି ଜଣାଇଥିଲେ । ଉକ୍ତ କର୍ମଶାଳାକୁ ଟିଏଲସି ହୃଦାନନ୍ଦ ମୁର୍ମୁ, ଘନଶ୍ୟାମ ପ୍ରଜାପତି, କ୍ଷେତ୍ର ସଂଯୋଜିକା ନମ୍ରତା ମହାନ୍ତ, ସିପ୍ରା ମହାନ୍ତ, ସପନ କାଳନ୍ଦୀ, ହିମାନି ନାଏକ, ସାଧନା ସି. ଏଫ. ରଶ୍ମି ରଞ୍ଜନ ଦତ୍ତ, ମାନସ ରଞ୍ଜନ ଦାସ, ନମିତା ହାଁସଦା, ଆଶା ମହାନ୍ତ, ଗୀତମଣୀ ସିଂ, ବୈଶାଖୀ ଦଳନାଏକ, ଅନନ୍ୟା ସି ଓ ସାଇନ ଲାଙ୍ଗୁଏଜ ଇଣ୍ଟର ପ୍ରିଟର ମୋନାଲିସା ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ । ଭିନ୍ନକ୍ଷମ ସଂଗଠନ ନେତା କୁଳମଣି ନାଏକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ଉମରକୋଟରେ ଡକାୟତି ଉଦ୍ୟମ ପଣ୍ଡ

ଉମରକୋଟ,ନ୍ୟୁଜ ବ୍ୟୁରୋ: ନ୍ୟୁଜ ବ୍ୟୁରୋ: ଡକାୟତ ଉଦ୍ୟମ ପଣ୍ଡ ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ଉମରକୋଟ ପୋଲିସକୁ ମିଳିଛି ବଡ଼ ସଫଳତା । ଉମରକୋଟ ସହର ଡ଼ି ଏନ କେ ଠାରେ ଥିବା ଜଣେ ଠିକାଦାରଙ୍କ ଘରେ ଡକାୟତି କରିବାକୁ ଆଠ ଜଣ ଡକାୟତ ଯୋଜନା କରୁଥିବା ବେଳେ ପୋଲିସ ପେଟ୍ରୋଲିଂ ସମୟରେ କୌଣସି ପ୍ରକାରେ ସୂଚନା ପାଇଥିଲା ପୋଲିସ ଏବଂ ସେମାନଙ୍କ ମଧ୍ୟରୁ ଛଅ ଜଣ ଡକାୟତଙ୍କୁ ବିଭିନ୍ନ ସ୍ଥାନରୁ ଉମରକୋଟ ପୋଲିସ ଗିରଫ କରିଛି ତେବେ ଆଉ ଦୁଇ ଜଣ ଡକାୟତ ଫେରାର ହୋଇ ଯାଇଥିଲେ ଗିରଫ ସମସ୍ତ ଡକାୟତ ନବରଙ୍ଗପୁର ଜିଲ୍ଲା ର ହୋଇଥିବା ବେଳେ ସେମାନଙ୍କ ଠାରୁ ଏକ ପିସ୍ତୋଲ,ଛୁରୀ, ଲଙ୍କା ଗୁଣ୍ଡ, ନଗଦ ଟଙ୍କା, ଦୁଇ ଗୋଟି ବାଇକ ଓ ଛଅ ଗୋଟି ମୋବାଇଲ ହୋଇଛି ଜବତ । ଗିରଫ ହୋଇଥିବା ସମସ୍ତ ଡକାୟତ ପୂର୍ବରୁ ଆଉ କେଉଁ କେଉଁ ଡକାୟତି କେସରେ ସମ୍ପୃକ୍ତ ଅଛନ୍ତି ନା ନାହିଁ ତଦନ୍ତ ପରେ ହିଁ ଜଣା ପଡିବ ଓ ଦୁଇ ଫେରାର ଡ଼କାୟତଙ୍କୁ ଖୁବ ଶୀଘ୍ର ଧରାଯିବ ବୋଲି କହିଛନ୍ତି ନବରଙ୍ଗପୁର ଜିଲ୍ଲା ଅତିରିକ୍ତ ଆରୋକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ ।

# ବ୍ରହ୍ମପୁର ସହରରେ ବୁଣାକାରଙ୍କୁ ଶସ୍ତାରେ ମିଳିବ ଘର

ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ: ସହରରେ ଭୂମିହୀନ ବୁଣାକାରଙ୍କୁ ଶସ୍ତାରେ ଘର ମିଳିବ । ଶସ୍ତା ଗୃହ ଯୋଜନା ଅଧୀନରେ ଏହି ଗୃହ ନିର୍ମାଣ ହେବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା-୨.୦ ଅନ୍ତର୍ଗତ ପାଣ୍ଠି ଖର୍ଚ୍ଚ ହେବ । ଏଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଜମି ଚିହ୍ନଟ ସରିଛି । ସ୍ଥାନୀୟ ହରିଡ଼ାଖଣ୍ଡି ନିକଟ ସୁକୁଣ୍ଡାଠାରେ ଏଥିପାଇଁ ୨.୭ ଏକର ଜମି ଦେଖାଯାଇଥିଲା ବେଳେ ନୂଆବର୍ଷରେ ଗୃହ ନିର୍ମାଣ ଆରମ୍ଭ ନେଇ ପ୍ରଶାସନ ଲକ୍ଷ୍ୟ ରଖିଛି । ପ୍ରାୟ ୧୦୦ଟି ଘର ବିଶିଷ୍ଟ ବିରାଟ ଅଟ୍ଟାଳିକା ନିର୍ମାଣ ଲାଗି ଯୋଜନା ହୋଇଛି । ଏହାର ନାମ ପାଟଭବନ ରଖାଯିବ । ବ୍ରହ୍ମପୁର ମହାନଗର ନିଗମ ଏହି କାମ ହାତକୁ ନେଇଛି । ୨୦୧୮ ମସିହାରେ ଏହି ଜମି ବ୍ରହ୍ମପୁର ମହାନଗର ନିଗମ ଅଧୀନକୁ ଆସିଛି । ୨.୭ ଏକର ପରିମିତ ଜମିରେ ଏହି ପ୍ରକଳ୍ପ ପିପିପି ମୋଡ୍ ?ରେ ହେବ । ଏଥିପାଇଁ ନୋଡ଼ାଲ୍ କମ୍ୟୁନିଟି ଅର୍ଗାନାଇଜର ୨ ଜଣଙ୍କ ସହ ହସ୍ତତନ୍ତ ବିଭାଗ ଉପ ନିର୍ଦ୍ଦେଶକ, ହସ୍ତତନ୍ତ ବିଭାଗ ନିରୀକ୍ଷକ ଓ ବୁଣାକାର ସମବାୟ ସମିତିକୁ ନେଇ ଏକ କମିଟି ହୋଇଛି । ଏହି କମିଟି ଯୁଗ୍ମ ଯାଂଚ୍ କରିବା ପରେ ପ୍ରାୟ ୫୦ ଜଣ ବୁଣାକାର ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଛନ୍ତି । ଏଥିପାଇଁ ଏଜେନ୍ସି ଓ ବିଏମ୍ ?ସି ମଧ୍ୟରେ ୬୦:୪୦ ଭାଗରେ କାମ କରିବାକୁ ସ୍ଥିର ହୋଇଛି । ଏନେଇ ଏକ ପ୍ରସ୍ତୁତ ବୈଠକ ବସିଛି । ଏଜେନ୍ସି ଚୟନ ପରେ ଯଥାଶୀଘ୍ର ଅନ୍ୟ କାମ ସାରିବାକୁ ଯୋଜନା ହୋଇଛି । ଏହି ବିଶାଳ ଅଟ୍ଟାଳିକାଟି ବି.ଜି. ୪ ହିସାବରେ ନିର୍ମାଣ ହେବ । ବୟସ୍କ, ଦିବ୍ୟାଙ୍ଗ ଓ ରୋଗୀଙ୍କ ସୁବିଧା ଦୃଷ୍ଟିରୁ ଏଥିରେ ଲିଫ୍ଟ ସୁବିଧା ରହିବ । ଆପାର୍ଟମେଂଟ୍ ତଳେ ପାର୍କିଂ, ଇଭି ଚାର୍ଜିଂ, ବଗିଚା ସୁବିଧା କରାଯିବ । ଏଥି ସହ କିଛି ଦୋକାନଘର ବା ସୋ-ରୁମ୍ ନିର୍ମାଣ କରାଯାଇ ବୁଣାକାରମାନଙ୍କୁ ନିଜ ଜିନିଷ ବିକ୍ରି କରିବାକୁ ଉତ୍ସାହିତ କରାଯିବ । ଏ ସମ୍ପର୍କରେ ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ପଚାରିବାରେ ସେ ଏହାକୁ ସ୍ୱୀକାର କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ୨.୦ରେ ଏହି ପ୍ରକଳ୍ପ ନିର୍ମାଣ ହେବ ବୋଲି ସେ କହିବା ସହ ଏହାଦ୍ୱାରା ଗରିବ ଭୂମିହୀନ ବୁଣାକାରମାନେ ଉପକୃତ ହୋଇପାରିବେ ।

# ଓଡ଼ିଶାର ଗର୍ବ ଓ ଗୌରବ ଥିଲେ କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର

ଭଦ୍ରକ,ନ୍ୟୁଜ ବ୍ୟୁରୋ: ଭଦ୍ରକ ମାଟିର ଗର୍ବ ଓ ଗୌରବ ଜଣେ ସୁସାହିତ୍ୟିକ, ସାରସ୍ୱତ ସାଧକ ଯଥା ଲେଖକ, ଗାଳ୍ପିକ, କବି, ପ୍ରାବନ୍ଧିକ ନାଟ୍ୟକାର କଳାକାର ଭାବେ ଓଡ଼ିଶା ବାଣୀ ଭଣ୍ଡାରକୁ ଯେ ସମୃଦ୍ଧ କରିପାରିଛି, ସେ ଆଉ କେହି ନୁହଁନ୍ତି "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର । ତାଙ୍କର ସାରସ୍ୱତ କୀର୍ତି ଓ କୃତି ଛାଡି ଦେଇ ଯାଇଛନ୍ତି ତାହା ଚିର ସ୍ମରଣୀୟ ହୋଇ ରହିବ ବୋଲି ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ । ବେଦ ପାଠ ଓ ସ୍ୱାଗତ ଭାଷଣ ଡା. ଅନୀଲ କୁମାର ଦାଶ ଦେଇଥିବାବେଳେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଭାରତୀ ପଲେଇ । ଅତିଥି ପରିଚୟ ଆଇନଜୀବୀ କୁଳମଣି ବେହେରା ଦେଇଥିଲେ । ସଂପାଦକୀୟ ବିବରଣୀରେ ବାବୁଲାଲ ଦାସ ଅତିତ ଓ ବର୍ତମାନ ଉକ୍ତ ମଂଚ ପ୍ରତି ଆନୁଗତ୍ୟ ତଥା ତୃଟିଶୂନ୍ୟ ପରିଚାଳନାକୁ ଭୁଲିହେବ ନାହିଁ ବୋଲି ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ମଣ୍ଡଳ ଲକ୍ଷ୍ମୀକାନ୍ତଙ୍କ ସାରସ୍ୱତ ସାଧନା ଚିରସ୍ମରଣ ହୋଇ ରହିଥିବ ବୋଲି କହିବା ସଂଗେ ସଂଗେ ଚରମ୍ପା ସାହିତ୍ୟ ସଂସ୍କୃତି ମଂଚକୁ ସବୁପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବରେଣ୍ୟ ଅତିଥି ଇ. ଅଭୟ ସୁତାର ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପିକା ଭାନୁମତୀ ମାଟିଆ, କୃଷିକବି ଅରୁଣ କୁମାର ପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ଖାମୁରାଇ, ମଂଚର ସ୍ଥାୟୀ ସଭାପତି ଅଶୋକ କୁମାର ମହାନ୍ତି ନିଜ ନିଜର ବକ୍ତବ୍ୟ ଦେଇଥିଲେ । ଶିକ୍ଷାବିତ୍ ଗଗନ ବିହାରୀ ରାଉତ ପୌରହିତ୍ୟ କରି ଲକ୍ଷ୍ମୀକାନ୍ତ ଜୀବନାଦର୍ଶ ଉପରେ ଆଲୋକପାତ କରିବା ସଂଗେ ସଂଗେ ଉକ୍ତ ଅନୁଷ୍ଠାନର ସର୍ବାଙ୍ଗିନ ଉନ୍ନତି କାମନା କରିଥିଲେ । ସହଯୋଗ କରିଥିଲେ ଉପସଭାପତି ଶରତ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଗୟାଧର ପଣ୍ଡା, ନାରାୟଣ ଚନ୍ଦ୍ର ପାଢ଼ୀ, ଅମର ପାଣିଗ୍ରାହୀ, ଜଗବଂଧୁ ବାରିକ, ସଂଗ୍ରାମ କେଶରୀ ଦାସ, କଳ୍ପନା ଜେନା, କଳାକାର କାଳନ୍ଦୀ ମଳିକ, ନାଟ୍ୟଶ୍ରୀ ନିର୍ମଳ ରାଉତ, ବ୍ୟଙ୍ଗକବି ଗୋକୁଳାନନ୍ଦ ରାଉତ, ପ୍ରମୋଦା କୁମାରୀ ପଣ୍ଡା, ଅଧ୍ୟକ୍ଷ ସୁରଂଚନ ପଣ୍ଡା, ରଣଜୀତ କୁମାର ସାହୁ, ଶାନ୍ତିଲତା ବାରିକ, ଆରସିଆନର ମିଡିଆ ପ୍ରଭାତ ବିଜୟ ପ୍ରମୁଖ । ଧନ୍ୟବାଦ ଦେଇଥିଲେ ନରସିଂହ ମିଶ୍ର ।



# ଚୋରା ମଦ ଜବତ : ୬ କୋର୍ଟ ଚାଲାଣ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: କେନ୍ଦ୍ରାପଡ଼ା ଅବକାରୀବି ଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, କୁଦାନଗରୀ ଓ ତାଳଚୁଆ ମେରାଇନ ଥାନ ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ରଙ୍ଗଣୀ ଗ୍ରାମର ସପନ ଜେନାଙ୍କ ଠାରୁ ୩୨ ଲିଟର ଦେଶୀ ମଦ ଓ କେଦାର ଦଳେଇଙ୍କ ଠାରୁ ୨୪ ଲିଟର ଦେଶୀ ମଦ, ପାଟପରିଆ ଗ୍ରାମର ବଟକୃଷ୍ଣ ଦାସଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଖଣ୍ଡସହି ଗ୍ରାମର ସତ୍ୟନ୍ଦ୍ର ବେହେରାଙ୍କ ଠାରୁ ୨୫ ଲିଟର ଦେଶୀ ମଦ, ହାରୀଅଙ୍କ ଗ୍ରାମର ଦୋଳ ଗୋବିନ୍ଦ ମଳିକଙ୍କ ଠାରୁ ୩୭ ଲିଟର ଦେଶୀ ମଦ ଓ ଅୟତପୁର ଗ୍ରାମର କ୍ଷୀରୋଦ ମଳିକଙ୍କ ଠାରୁ ୨୧ ଲିଟର ଦେଶୀ ମଦ ଜବତ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୧୫୮ ଲିଟର ଦେଶୀ ମଦ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇ ଅଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ, ସହକାରୀ ଉପ ନିରୀକ୍ଷକ ଜଗନ୍ନାଥ ବେଶେରା, ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକଓ ଅନ୍ୟ କର୍ମଚାରି ସାମିଲ ଥିଲେ ।



# ସରକାରୀ ଜମିରେ ଗୃହ ନିର୍ମାଣ: ଲଟ୍କା ଜାରି କଲା ବିଇଡିଏ

ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ: ମହାନଗର ନିଗମର ୨୬ ନମ୍ବର ୱାର୍ଡ଼ ଅନ୍ତର୍ଗତ ବିଜିପୁର ଅମ୍ବିକା ନଗର ୨ୟ ଲାଇନ୍‌ରେ ସରକାରୀ ଜମି ଜବରଦଖଲକୁ ନେଇ ଉତେଜନା ପରିସ୍ଥିତି ଲାଗି ରହିଛି । ଉକ୍ତ ସରକାରୀ ଜମିରେ ଅଂଚଳବାସୀ ତଥା ଅମ୍ବିକାନଗର ଉନ୍ନୟନ କମିଟି ପକ୍ଷରୁ ଏପରିକି ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ ମଧ ଗୋଷ୍ଠୀ କେନ୍ଦ୍ର ବା କମ୍ୟୁନିଟି ହଲ୍ ନିର୍ମାଣ ପାଇଁ ଦୀର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି । ତେବେ ବିଇଡ଼ିଏ ବା ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଓପନ୍ ସ୍ପେସ୍‌କୁ ସ୍ଥାନୀୟ ପ୍ରକାଶ ଚନ୍ଦ୍ର ପଣ୍ଡା ନାମକ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଥିବା ବେଳେ ବର୍ତମାନ ଉକ୍ତ ଜମି ଉପରେ ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳିଛି । ଯାହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଥିବା ବେଳେ ଅଚଂଳବାସୀଙ୍କ ପକ୍ଷରୁ ଉକ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ବିଇଡ଼ିଏ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି । ଅଚଂଳବାସୀଙ୍କ ଅଭିଯୋଗ ପରେ ବିଇଡ଼ିଏ ପକ୍ଷରୁ ଉକ୍ତ ସ୍ଥାନରେ ସର୍ଭେ କରାଯିବା ପରେ ପ୍ରାୟ ୧୨ଶହ ବର୍ଗଫୁଟରୁ ଅଧିକ ସରକାରୀ ଜମିରେ ୩ଶହରୁ ଅଧିକ ବର୍ଗଫୁଟ ପ୍ରକାଶ ପଣ୍ଡା ନାମକ ବ୍ୟକ୍ତି ବେନିୟମ ଭାବେ ଗୃହ ନିର୍ମାଣ କରୁଥିବା ଜଣାପଡ଼ିଥିଲା । ଫଳରେ ବିଇଡ଼ିଏ ପକ୍ଷରୁ ପ୍ରକାଶ ପଣ୍ଡାଙ୍କ ଉକ୍ତ ବେନିୟମ ଭାବେ ନିର୍ମାଣ ହେଉଥିବା ଘରେ ଲଟକା ଜାରି କରାଯାଇଛି । ବିଇଡ଼ିଏର ଏନ୍‌ଫୋର୍ସମେଂଟ୍ ଅଧିକାରୀଙ୍କୁ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି । ପ୍ରକାଶ ଯୋଗ୍ୟ ଯେ, ସରକାରୀ ଜମିକୁ ଜବରଦଖଲ କରି ବେନିୟମ ଭାବେ ତଥା ବିନା ଅନୁମତିରେ ଗୃଡ ନିର୍ମାଣ କରୁଥିବା ପ୍ରକାଶ ଚନ୍ଦ୍ର ପଣ୍ଡା ସ୍ୱର୍ଗତ ଆଇନ୍ ଜୀବୀ ପିତବାସ ପଣ୍ଡାଙ୍କ ଭାଇ ବୋଲି ଅଚଂଳବାସୀ ସୂଚନା ଦେଇଛନ୍ତି । ଏପରିକି ଉକ୍ତ ମୂଲ୍ୟବାନ ସରକାରୀ ଜମିକୁ ତୁରନ୍ତ ଜବରଦଖଲ ମୁକ୍ତ କରିବାକୁ ଦାବି କରିଛନ୍ତି ।

# ଗଞ୍ଜାମ ଜିଲ୍ଲାରେ ୨,୩୩,୪୩୮ ସନ୍ଦିଗ୍ଧ ପ୍ଲଟ

ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ: ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୩ରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହେବ । ଚାଷୀ ମଣ୍ଡିରେ ସରକାରଙ୍କୁ ଧାନ ବିକ୍ରି କରିବେ । କିନ୍ତୁ ଜିଲ୍ଲାରେ ଦୁଇ ଲକ୍ଷରୁ ଅଧିକ ସନ୍ଦିଗ୍ଧ ପ୍ଲଟ ସମବାୟ ବିଭାଗର ଚିନ୍ତା ବଢ଼ାଇଛି । ସନ୍ଦିଗ୍ଧ ପ୍ଲଟର ସାଟେଲାଇଟ୍ ସର୍ଭେ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିପାରିବେ ନାହିଁ । ଜିଲ୍ଲାରେ ୨୦୨୫-୨୬ ବର୍ଷରେ ୧ ଲକ୍ଷ ୫୬ ହଜାର ୭୧୪ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୨୦୨୪-୨୫ ବର୍ଷରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜିକରଣ କରିଥିଲେ । ଚଳିତ ବର୍ଷ ପ୍ରାୟ ୧୦ ହଜାର ଅଧିକ ଚାଷୀ ପଞ୍ଜିକୃତ ହୋଇଛନ୍ତି । ସେପଟେ ଧାନ ଚାଷର ଚିହ୍ନବର୍ଣ୍ଣ ନଥିବା ପ୍ଲଟକୁ ମଧ ପ୍ୟାକ୍ସରେ ଦାଖଲ ହୋଇଛି । ଯାହାଫଳରେ ଜିଲ୍ଲାରେ ୨ ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟ ଚିହ୍ନଟ ହୋଇଛି । ଏହି ପ୍ଲଟରେ ସାଟେଲାଇଟ୍ ସର୍ଭେ ପରେ ହିଁ ଜଣାପଡ଼ିବ ସେଠାରେ ଧାନ ଚାଷ ହୋଇଛି ନାହିଁ । କିଛି ଚାଷୀ ପଡ଼ିଆ, ବୁଦା, ଜଳାଶୟ, ଅନାବାଦି ଏବଂ ଅନ୍ୟ ଚାଷ ହୋଇଥିବା ଜମିରେ ଧାନ ଚାଷ ହୋଇଥିବା ଦର୍ଶାଇ ପାକ୍ସରେ ପଞ୍ଜିକୃତ ହୋଇଛନ୍ତି । ସାଟେଲାଇଟ୍ ସର୍ଭେ ପରେ ପାକ୍ସ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ କରିବେ । ଧାନ କିଣାରେ ସ୍ୱଚ୍ଛତା ଆଣିବାକୁ ସାଟେଲାଇଟ୍ ସର୍ଭେ କରାଯାଇଥାଏ । ଯେଉଁ ପ୍ଲଟରେ ଚାଷ ହୋଇଛି ସେହି ଚାଷ ଜମି ଉପରେ ଚାଷୀଙ୍କୁ ଧାନ ବିକ୍ରି କରିବାକୁ ଟୋକେନ୍ ଆସିବ । ଫଳରେ ଅସଲ ଚାଷୀ ଧାନ ବିକ୍ରି କରିପାରିବେ । ଜିଲ୍ଲାରେ କିଛି ସ୍ଥାନରେ ଧାନ କଟା ହୋଇସାରିଥିବା ବେଳେ ଏବେ ୨ ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟ ସମସ୍ତଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଛି । ଗଞ୍ଜାମ ଜିଲ୍ଲାରେ ୨୩ଟି ତହସିଲ ଅଧୀନ ୨୭୫୪ଟି ଗାଁରେ ୨ଲକ୍ଷ ୩୩ ହଜାର ୪୩୮ ସନ୍ଦିଗ୍ଧ ପ୍ଲଟର ସର୍ଭେ କରିବାକୁ ସମବାୟ ବିଭାଗକୁ ଚିଠି ଆସିଛି, ଯାହାକି ରାଜ୍ୟରେ ସର୍ବାଧିକ ଅଟେ । ସମବାୟ ଭାରପ୍ରାପ୍ତ ଉପନିବନ୍ଧକ ଯୋଗମାୟା ସାବତ କହିଛନ୍ତି ସର୍ଭେ ପାଇଁ ଏକ୍ସପର୍ଟମାନଙ୍କୁ ନିଯୁକ୍ତି ଦିଆଯାଇଛି । ଯେଉଁ ପ୍ଲଟ ଉପରେ ଚାଷୀଙ୍କୁ ଧାନ ବିକ୍ରି ପାଇଁ ଟୋକନ୍ ଦିଆଯିବ । ସନ୍ଦିଗ୍ଧ ପ୍ଲଟ ସର୍ଭେ ପରେ ହିଁ ଟୋକେନ୍ ପାଇବେ ।


# ଜାନୁଆରୀ ୯ରୁ କେନ୍ଦ୍ରାପଡାରେ ଧାନକ୍ରୟ ଆରମ୍ଭ

କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: ଚଳିତ ଖରିଫ ଧାନ କ୍ରୟ ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଳିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ବିଦ୍ୟାଧର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ଜାନୁଆରୀ ୯ ତାରିଖ ଠାରୁ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ କରାଯିବାକୁ ଥିବାବେଳେ ଏ ସମ୍ବନ୍ଧରେ ମଣ୍ଡିର ସମସ୍ତ କର୍ମକର୍ତା ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ଇଛୁକ ଚାଷୀ ମାନଙ୍କର ନାମ ପିକରଣ, ସାଟେଲାଇଟ ଦ୍ୱାରା ଚିହ୍ନଟ କରାଯାଇଥିବା ଓ ସନ୍ଦେହ ଜନକ ଭାବରେ ଥିବା ଚାଷ ଜମିକୁ ଯାଂଚ କରିବା, ସମସ୍ତ ଧାନ ମଣ୍ଡିରେ ଆବଶ୍ୟକୀୟ ଭିତିଭୂମିର ପ୍ରସ୍ତୁତିକରଣ, ଧାନର ଗୁଣବତା ଯାଂଚ କରିବା ପାଇଁ ଅସ୍ଥାୟୀ ଭାବେ କ୍ୱାଲିଟି ଆନାଲାଇଜର ନିଯୁକ୍ତି, ଧାନ ମଣ୍ଡିର ନୋଡାଲ ଅଫିସର ଓ ସୁପର ଭାଇଜର ମାନେ ବିଭିନ୍ନ ମଣ୍ଡି ବୁଲି ଯାଂଚ କରିବା ସମ୍ବନ୍ଧରେ ଆଲୋଚନା କରା ଯାଇଥିଲା ।



# ରାଜ୍ୟ ପୁସ୍ତକ ମେଳାରେ ଉପନ୍ୟାସ 'ଅପେକ୍ଷାରେ ଅନ୍ତର୍ଦାହ' ଉନ୍ମୋଚିତ

ସାଲେପୁର,ନ୍ୟୁଜ ବ୍ୟୁରୋ: ଆକାଶବାଣୀରୁ ନିଜ ସୃଜନ ଜୀବନର ଗତିପଥକୁ ବେଶ ସମୃଦ୍ଧ କରିପାରିଥିବା ଯୁବ ସାହିତ୍ୟିକା ସୁପ୍ରଭା ସାମଲ ଏକାଧାରରେ କବି, ଗାଳ୍ପିକା, ଉପନ୍ୟାସିକା, ଗୀତି କବିତା ଓ ଫିଚର ସାହିତ୍ୟର ଧୂରୀଣ ସ୍ରଷ୍ଟା । ସାଧାରଣ ତେଲ ଲୁଣ ଦୁନିଆଁର ମଣିଷ ମାନଙ୍କ ସଂଘର୍ଷ ଓ ସଂଘାତର କାହାଣୀକୁ ଶବ୍ଦରେ ରୂପାୟୀତ କରିବାରେ ସେ ଖୁବ ସିଦ୍ଧହସ୍ତ । ତାଙ୍କ ଲେଖନୀରେ ସାମାଜିକ, ଆଧାତ୍ମିକ, ବୌଦ୍ଧିକ ଏବଂ ମାନସ୍ତା ତ୍ୱିକ ଦିଗ ପ୍ରାଞ୍ଜଳ ଭାବରେ ପ୍ରତିଫଳିତ । ସୁପ୍ରଭାଙ୍କ ପ୍ରଥମ ଗଳ୍ପ ପୁସ୍ତକ'ସ୍ୱପ୍ନର ପରିଧି' ପ୍ରକାଶିତ ହେବାପରେ ଏହା ତାଙ୍କୁ ଆଣି ଦେଇଥିଲା ବେଶ ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି । ତେବେ ରାଜ୍ୟ ପୁସ୍ତକ ମେଳାରେ ସୁପ୍ରଭାଙ୍କ ନୂତନ ଉପନ୍ୟାସ 'ଅପେକ୍ଷାର ଅନ୍ତରଦାହ' ଉନ୍ମୋଚିତ ହୋଇଯାଇଛି । ଏହି ସାରସ୍ୱତ କାର୍ଯ୍ୟକ୍ରମରେ ବିଶିଷ୍ଟ ଗାଳ୍ପିକ ତଥା ଉପନ୍ୟାସିକ ଅଜୟ କୁମାର ସ୍ୱାଇଁ,କଥାକବିତାର ସମ୍ପାଦକ କବି ଅକ୍ଷୟ ବେହେରା, ସାହିତ୍ୟିକ ଓ ସାମ୍ବାଦିକ କେଦାର ମିଶ୍ର, ବର୍ଷା ପବ୍ଲିକେସନ ପ୍ରକାଶକ କବି ବାଦଲ ମହାନ୍ତି, ଡଟ ବୁକ୍ସର ପ୍ରକାଶକ ଗାଳ୍ପିକ ସନ୍ତୋଷ କୁମାର, ଅଧାପିକା ତଥା ଲେଖିକା ସସ୍ମିତା ଦାସ, କବି କେ ବିପ୍ଳବ, ସାହିତ୍ୟିକ ଅଖିଳେଶ ମହାନ୍ତି,ସାହିତ୍ୟିକ ଶ୍ରୀମନ୍ତ ପଣ୍ଡା, ସାହିତ୍ୟିକ ରମାକାନ୍ତ ଗୋଛାୟତ ଏବଂ କବି ରଶ୍ମିତା ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ମାହାଙ୍ଗା ଭଳି ଏକ ସାରସ୍ୱତ ମାଟିରୁ ନିଜ ସାଧନକୁ ସେ ଆହୁରି ବ୍ୟାପକ କରନ୍ତୁ ବୋଲି ଅତିଥିମାନେ ଆହ୍ୱାନ ଦେଇଥିଲେ । ସୁପ୍ରଭାଙ୍କ ନୂଆ ଉପନ୍ୟାସ ଯୁବ ପିଢୀର ସାରସ୍ୱତ ସ୍ରଷ୍ଟା ମାନଙ୍କୁ ଅଧିକରୁ ଅଧିକ ଲେଖିବା ପାଇଁ ଉତ୍ସାହିତ ତଥା ପ୍ରେରଣା ଯୋଗାଇବ ବୋଲି ମତପ୍ରକାଶ ପାଇଥିଲା ।



# ଦକ୍ଷିଣ ଓଡ଼ିଶାରେ ଚଳିତ ବର୍ଷ ଅଧିକ ୪୦୦୦ ଛାତ୍ରଛାତ୍ରୀ ଦେବେ ଯୁକ୍ତ ଦୁଇ ପରୀକ୍ଷା

ବ୍ରହ୍ମପୁର,ନ୍ୟୁଜ ବ୍ୟୁରୋ: ଦକ୍ଷିଣ ଓଡ଼ିଶରେ ଚଳିତ ବର୍ଷ ୪ହଜାର ଅଧିକ ଛାତ୍ରଛାତ୍ରୀ ଯୁକ୍ତ ୨ ପରୀକ୍ଷା ଦେବେ । ଗତ ବର୍ଷ ଦକ୍ଷିଣାଚଂଳର ୮ଟି ଜିଲ୍ଲାରେ ମୋଟ ୮୨ ହଜାର ୮୧୪ ଜଣ ଛାତ୍ରଛାତ୍ରୀ ଯୁକ୍ତ ୨ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଥିଲେ । ହେଲେ ଚଳିତ ବର୍ଷ ୮୬ ହଜାର ୫୭୭ ବିଦ୍ୟାର୍ଥୀ ଫର୍ମ ପୂରଣ କରିଛନ୍ତି । ଦକ୍ଷିଣାଚଂଳରେ ଥିବା ଜିଲ୍ଲା ଗୁଡ଼ିକରେ ଅନେକ୍ ଉଚ୍ଚ ବିଦ୍ୟାଳୟ ଅପଗ୍ରେଡ୍ ହୋଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପରିଣତ ହେବା ପରେ ଏଭଳି ପରିସ୍ଥିତି ଆସିଛି । ଆଉ ୨ ମାସ ପରେ ରାଜ୍ୟରେ ଯୁକ୍ତ ୨ ପରୀକ୍ଷା ଆୟୋଜନ ହେବାକୁ ଯାଉଥିବାରୁ ଚଳିତ ବର୍ଷ ଗଞ୍ଜାମ ସମେତ ଦକ୍ଷିଣାଚଂଳର ଅନ୍ୟ ଜିଲ୍ଲା ଗୁଡ଼ିକରେ ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ହବ୍ ସଂଖ୍ୟା ବଢ଼ିବ ବୋଲି କୁହାଯାଇଛି । ବ୍ରହ୍ମପୁରସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଆଂଚଳିକ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ୨୦୨୫-୨୬ ଶିକ୍ଷା ବର୍ଷରେ ଚଳିତ ବର୍ଷ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ସ୍ରୋତରେ ଉଚ୍ଚ ମାଧ୍ୟମିକ ପରୀକ୍ଷା ଦେବା ପାଇଁ ଦକ୍ଷିଣାଚଂଳର ୮ଟି ଜିଲ୍ଲାର ମୋଟ ୮୬ ହଜାର ୫୭୭ ଜଣ ବିଦ୍ୟାର୍ଥୀ ଫର୍ମ ପୂରଣ କରିଛନ୍ତି । କଳା ସ୍ରୋତରେ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାରରେ ମୋଟ ୫୫୭୮୧ ଜଣ ପରୀକ୍ଷା ଦେବାକୁ ଯାଉଥିବା ବେଳେ ବିଜ୍ଞାନ ସ୍ରୋତରେ ୨୪ ହଜାର ୪୯୩ ଜଣ, ବାଣିଜ୍ୟ ସ୍ରୋତରେ ୫୧୮୧ ଏବଂ ଧନ୍ଦାମୂଳକ ସ୍ରୋତରେ ୧୧୨୨ ଜଣ ପରୀକ୍ଷା ଦେବାକୁ ବୋଲି ଫର୍ମ ପୂରଣ କରିଛନ୍ତି । ମୋଟ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାର ୧୩୪ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୪ ହଜାର ୨୩୩ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ସେହିପରି ଗଜପତି ଜିଲ୍ଲାର ୨୯ଟି ଏଚ୍ଏସ୍ଏସ୍ ?ର ୫୪୫୯ ଜଣ ପରୀକ୍ଷାର୍ଥୀ, କୋରାପୁଟ ଜିଲ୍ଲାର ୫୩ ଏଚ୍ଏସ୍ଏସ୍‌ର ୧୨ ହଜାର ୬୬୧ ଜଣ ପରୀକ୍ଷାର୍ଥୀ, ମାଲକାନଗିରି ଜିଲ୍ଲାର ୩୦ ଏଚ୍ଏସ୍ଏଚ୍‌ର ୬ ହଜାର ୧୩ ଜଣ ପରୀକ୍ଷାର୍ଥୀ, ନବରଙ୍ଗପୁର ଜିଲ୍ଲାର ୪୬ ଏଚ୍ଏଚ୍ଏସ୍‌ର ୮୬୨୧ ପରୀକ୍ଷାର୍ଥୀ, ରାୟଗଡ଼ାର ୪୬ ଏଚ୍ଏସ୍ଏସ୍‌ର ୮୫୪୧ ପରୀକ୍ଷାର୍ଥୀ, ବୌଦ୍ଧ ଜିଲ୍ଲାର ୨୨ ଏଚ୍ଏସଏସ୍‌ର ୩୬୨୨ ଓ କନ୍ଧମାଳ ଜିଲ୍ଲାର ୩୬ ଏଚ୍ଏସ୍ଏସ୍ ?ର ୭୪୨୪ ଜଣ ପରୀକ୍ଷାର୍ଥୀ ରହିଛନ୍ତି । ତେବେ ଗତ ବର୍ଷ ଏହି ୮ଟି ଜିଲ୍ଲାରେ ୮୨ ହଜାର ୮୧୪ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବାରୁ ୨୫୪ଟି ପରୀକ୍ଷା କେନ୍ଦ୍ର ଏବଂ ୪୭ଟି ପରିଚାଳନା ହବ୍ କରାଯାଇଥିଲା । ହେଲେ ଚଳିତ ବର୍ଷ ପ୍ରାୟ ୪ ହଜାର ପରୀକ୍ଷାର୍ଥୀ ବଢ଼ିଥିବାରୁ ପରୀକ୍ଷା କେନ୍ଦ୍ର ସଂଖ୍ୟା ୨୬୦ ରୁ ଅଧିକ କରାଯିବ ବୋଲି କୁହାଯାଇଛି । ପ୍ରକାଶଥାଉକି, ରାଜ୍ୟ ସରକାରଙ୍କ ପକ୍ଷରୁ ୩ ବର୍ଷ ହେବ ବଛା ବଛା ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଥିଲା । ସେହିକ୍ରମରେ ଗଞ୍ଜାମ ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାରେ ଯୁକ୍ତ ୨ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢ଼ିବାରେ ଲାଗିଛି । ପୂର୍ବରୁ ଗଞ୍ଜାମ ଜିଲ୍ଲାରେ ୧୧୧ଟି ଯୁକ୍ତ ୨ କଲେଜ ରହିଥିବା ବେଳେ ପରୀକ୍ଷା ବେଳେ ୮୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା । ହେଲେ ବର୍ତମାନ ଗଞ୍ଜାମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚ୍ଏସ୍ଏସ୍) ସଂଖ୍ୟା ୧୩୪ରେ ପହଂଚିଛି । ସେହିକ୍ରମରେ ଚଳିତ ବର୍ଷ ଜିଲ୍ଲାରେ ପରୀକ୍ଷା କେନ୍ଦ୍ର ବଢ଼ିବ ବୋଲି କୁହାଯାଇଛି । ଏପଟେ ପୂର୍ବରୁ ମାଟ୍ରିକ୍ ପରୀକ୍ଷା ଶେଷ କରିବା ପରେ କିଛି ଛାତ୍ରଛାତ୍ରୀ ଯୁକ୍ତ ୨ ପଢ଼ିବାକୁ ଇଚ୍ଛା ପ୍ରକାଶ କରୁନଥିଲେ । କିଛି ଜଣେ ଆଇଟିଆଇ, ଡ଼ିପ୍ଲୋମା ଭଳି ପାଠ୍ୟକ୍ରମରେ ନାମଲେଖାଉଥିଲେ । ହେଲେ ହାଇସ୍କୁଲଗୁଡ଼ିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅପଗ୍ରେଡ୍ ହେବା ପରେ ବିଦ୍ୟାର୍ଥୀମାନେ ମାଟ୍ରିକ୍ ପରେ ସେହି ଶିକ୍ଷାନୁଷ୍ଠାନରେ ହିଁ ଯୁକ୍ତ ପଢୁଛନ୍ତି । ଯାହା ଯୁକ୍ତ୨ ନାମଲେଖାରେ ପ୍ରଭାବ ପକାଇବା ସହ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିଛି ।

## ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହେଉଛି

# ସୁସ୍ଥ ମାନବାଧିକାରର ଭିତ୍ତିସ୍ତମ୍ଭ

ବାଲେଶ୍ୱର,ନ୍ୟୁଜ ବ୍ୟୁରୋ: ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଉଦ୍ୟମରେ ମାନବାଧିକାର ଦିବସ ପାଳିତ କରାଯାଇଅଛି । କାର୍ଯ୍ୟକ୍ରମର ଆରମ୍ଭରେ ସମାଜ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ପ୍ରଫେସର ପବିତ୍ରମୋହନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିଥି ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ନିଜ ଅଭିଭାଷଣରେ କହିଥିଲେ ଯେ, ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ହେଉଛି ସୁସ୍ଥ ମାନବାଧିକାର ଅଭ୍ୟାସର ଭିତ୍ତିସ୍ତମ୍ଭ । ସମତାମୂଳକ ଚିନ୍ତାଧାରା ଥିବା ସମାଜ ମାନବାଧିକାରକୁ ସ୍ଥାପିତ କରିବା ଓ ସୁରକ୍ଷା କରିବାର ପ୍ରକୃତ ପ୍ରେରଣାଶକ୍ତି । ସେ ଛାତ୍ରଛାତ୍ରୀଙ୍କୁ ମାନବାଧିକାରର ସଚେତନ, ଦାୟିତ୍ୱଶୀଳ ଓ ସାମୂହିକ ପ୍ରତିନିଧି ଭାବେ ଗଢ଼ି ଉଠିବାର ପ୍ରେରଣା ଦେଇଥିଲେ । ମୁଖ୍ୟ ଅତିଥି ଜଗଦାନନ୍ଦ, (ମେଣ୍ଟର ଓ ସହ-ସ୍ଥାପକ, ସି.ୱାଇ.ଏସ.ଡି ପୂର୍ବତନ ସଦସ୍ୟ, ସ୍ଥାୟୀ ସମିତି (ସି.ଏସ.ଓ), ନୀତି ଆୟୋଗ; ଓ ପୂର୍ବତନ ରାଜ୍ୟ ସୂଚନା ଆୟୁକ୍ତ, ଓଡ଼ିଶା) ନିଜର ଅତ୍ୟନ୍ତ ପ୍ରଭାବଶୀଳ ଅଭିଭାଷଣରେ ଫକୀର ମୋହନ ସେନାପତିଙ୍କ ସାହିତ୍ୟରେ ଉଲ୍ଲେଖ ମାନବାଧିକାର ଉଲ୍ଲଂଘନର ବିରୋଧରେ ଚାଲିଥିବା ଐତିହାସିକ ସଂଘର୍ଷକୁ ସଂଯୋଗ କରିଥିଲେ । ସେ କହିଥିଲେ ଯେ ସାହିତ୍ୟ ସଦା ସମାଜ ସୁଧାର ଓ ନ୍ୟାୟର ସ୍ୱର ହୋଇ ଆସିଛି । ସେ ସାହାନୁଭୂତିମୂଳକ ଶାସନକୁ ଆଲୋକପାତ କରି ଯୁବପୀଢିର ଭୂମିକା ଓ ଭାରତୀୟ ସମ୍ବିଧାନ ପଠନର ଆବଶ୍ୟକତାକୁ ଜୋରଦେଇଥିଲେ । ମୁଖ୍ୟବକ୍ତା ପ୍ରଭୁ ପ୍ରସନ୍ନ ବେହେରା, (ବରିଷ୍ଠ ଅଧିବକ୍ତା, ଓଡିଶା ହାଇ କୋର୍ଟ, କଟକ) ଯୋଗଦେଇ, ମାନବାଧିକାରକୁ ଏକାଧିକ ମାନଦଣ୍ଡରୁ ଅବଗତ କରାଇ ବିବିଧ ଚର୍ଚ୍ଚା କରିଥିଲେ । ସେ ସଭ୍ୟତାର ଅବଧିରେ ମାନବାଧିକାରର ଉତ୍ଥାପନ ଓ ଭାରତୀୟ ଜ୍ଞାନ ପରମ୍ପରାରେ ମାନବ ମର୍ଯ୍ୟାଦା ଓ ନୈତିକ ଜୀବନର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ଯେ, ନିଜ ଅଧିକାର ବା ପରଙ୍କ ଅଧିକାର ହେଉ, ଦୁହିଁକୁ ସୁରକ୍ଷିତ କରିବା ପାଇଁ ପ୍ରତ୍ୟେକ ନାଗରିକର ସକ୍ରିୟ ଭୂମିକା ଆବଶ୍ୟକ । କାର୍ଯ୍ୟକ୍ରମର ଶେଷ ଅଂଶରେ ସମାଜ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀମାନେ "ଲାଇଟ୍ସ ଅଫ୍ ହ୍ୟୁମାନିଟି" ନାମକ ଏକ ସଚେତନତାମୂଳକ ନାଟକ ପ୍ରସ୍ତୁତ କରିଥିଲେ । କାର୍ଯ୍ୟକ୍ରମର ସଂଚାଳକ ଭାବେ ସହାୟକ ଅଧ୍ୟାପକ ଶଶାଙ୍କ ସେଖର ଗଡନାୟକ ଦାୟିତ୍ୱ ନିର୍ବାହ କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପିକା ପ୍ରିୟମ୍ବଦା ପଲେଇ ଧନ୍ୟବାଦ ଜ୍ଞାପନ କରିଥିଲେ ।




# ଜାନୁଆରୀ ୩୧ରୁ ଆରମ୍ଭ ହେବ ଓସିଏସ୍ ମୁଖ୍ୟ ଲିଖିତ ପରୀକ୍ଷା




**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ୍ (ଓସିଏସ)ର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତାବର୍ଷ ଜାନୁଆରୀ ୩୧ ଠାରୁ ଆରମ୍ଭ ହୋଇ ଫେବୃଆରୀ ୧୦ ଯାଏଁ ଚାଲିବ। ଏଥିରେ ମୋଟ ୨୪୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୫ଟା ଯାଏଁ ଦୁଇଟି ସିଟିଂରେ ପରୀକ୍ଷା କରାଯିବ। ପ୍ରତି ବିଷୟର ପରୀକ୍ଷା ଗୋଟିଏ ଦିନ ବ୍ୟବଧାନରେ ହେବ। ଭିନ୍ନକ୍ଷମ ପରୀକ୍ଷାର୍ଥୀଙ୍କୁ ଅତିରିକ୍ତ ଏକ ଘଣ୍ଟ ସମୟ ମିଳିବ। ତେବେ ପରୀକ୍ଷାର୍ଥୀ ପରୀକ୍ଷାର ୭ଦିନ ପୂର୍ବରୁ ଆଡମିଟ୍ କାର୍ଡ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ପାଇପାରିବେ। ଏନେଇ ଓପିଏସ୍‌ସି ପକ୍ଷରୁ ପରୀକ୍ଷା ସୂଚୀର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରୁପ ଏ' ଏବଂ ଗ୍ରୁପ ବି ବର୍ଗର ୨୦୦ ପ୍ରଶାସନିକ ପଦ ପୂରଣ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଯୁକ୍ତି ପରୀକ୍ଷା ନିମନ୍ତେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଅକ୍ଟୋବର ୧୨ରେ ପ୍ରିଲିମନାରୀ ପରୀକ୍ଷା ହୋଇଥିବାବେଳେ ପାଖାପାଖି ଏକ ଲକ୍ଷ ଆଶାୟୀ ପରୀକ୍ଷା ଦେଇଥିଲେ। ପ୍ରିଲିମନାରୀ ପରୀକ୍ଷା ଫଳ ନଭେମ୍ବର ୬ରେ ପ୍ରକାଶ ପାଇଥିଲା। ମୋଟ ୨୪୦୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବାବେଳେ ଏଥିରେ ୧୬୨୪ ପୁରୁଷ ଏବଂ ୭୮୧ ମହିଳା ପ୍ରାର୍ଥୀ ରହିଛନ୍ତି। କୃତି ପରୀକ୍ଷାର୍ଥୀ ଆସନ୍ତାବର୍ଷ ଜାନୁଆରୀ ୩୧ରୁ ମୁଖ୍ୟ ଲିଖିତ ପରୀକ୍ଷା ଦେବେ।

# ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କ ଉଦ୍ଧାର ନେଇ ଗୁରୁତ୍ୱ

**ଯାଜପୁର, ନ୍ୟୁଜ ବ୍ୟୁରୋ**




ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଇଲ୍ଡ ହେଲ୍ପ ଲାଇନ କର୍ମଚାରୀ ଓ ଅଧିକାରୀଙ୍କ କିଶୋର ନ୍ୟାୟ ଅଧିନିୟମ ଓ ଚାଇଲ୍ଡ ହେଲ୍ପ ଲାଇନର କାର୍ଯ୍ୟଧାରା ସମ୍ପର୍କିତ ଏକଦିବସୀୟ ଅଭିମୁଖୀକରଣ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିରୂପେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଶିଶୁ ମଙ୍ଗଳ କମିଟିର ଅଧକ୍ଷା ରେକ୍ସନା ଜେନା, ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ଅଣଆନୁଷ୍ଠାନିକ ଅଧିକାରୀ ଅର୍ଚ୍ଚନା ସାମନ୍ତ ଯୋଗଦେଇଥିଲେ। ଅତିଥିମାନେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁମାନଙ୍କ ଉଦ୍ଧାର, ଥଇଥାନ ଓ ସାମାଜିକ ମୁଖ୍ୟସ୍ରୋତରେ ସାମିଲ ପାଇଁ ଜନ ସଚେତନତା ଓ ଜନ ସହଯୋଗର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଅଂଶୀଦାର ଓ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ଏହା ସମ୍ଭବ ହୋଇପାରିବ। ଶ୍ରମ କାର୍ଯ୍ୟରେ ନିୟୋଜିତ ଶିଶୁ, ପିତାମାତା ହରାଇ ଥିବା ଶିଶୁ, ବାଲ୍ୟ ବିବାହଓ ଯୌନ ନିର୍ଯାତନାର ସମ୍ମୁଖୀନ ହେଉଥିବା ଶିଶୁମାନଙ୍କ ଉଦ୍ଧାର ଓ ସୁରକ୍ଷା କ୍ଷେତ୍ରରେ ଚାଇଲଡ ହେଲ୍ପ ଲାଇନର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ୧୦୯୮ ନମ୍ବରକୁ ଯେ କୌଣସି ବ୍ୟକ୍ତି କଲ୍ କରି ଶିଶୁମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଅସୁବିଧାଜନକ ସ୍ଥିତିରେ ଥିବା ଶିଶୁମାନଙ୍କୁ ସୁରକ୍ଷା ଯୋଗାଇଥାଏ ଚାଇଲ୍ଡ ହେଲ୍ପ ଲାଇନ। ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ଚାଇଲ୍ଡ ହେଲ୍ପ ଲାଇନ ଶିଶୁମାନଙ୍କ ପାଇଁ ୨୪ ଘଣ୍ଟିଆ ଜରୁରୀ କାଳୀନ ସେବା ପ୍ରଦାନ କରୁଅଛି। ଏହି କାର୍ଯ୍ୟକ୍ରମଟି ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଓ ପିଲାମାନଙ୍କୁ ଉଦ୍ଧାର କରି ସ୍ୱାସ୍ଥ୍ୟ ପରୀକ୍ଷା ସହ ଶିଶୁମଙ୍ଗଳ କମିଟିରେ ଥଇଥାନ କରିଥାଏ। ବିଷୟ ବିଶାରଦ ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ଓକିଲ ଚିତ୍ତରଞ୍ଜନ ମହାନ୍ତି କିଶୋର ନ୍ୟାୟ ଅଧିନିୟମ ଉପରେ ବିଷଦ ଭାବେ ଆଲୋଚନା କରିଥିବାବେଳେ ଶିଶୁ ମଙ୍ଗଳ କମିଟିର ପ୍ରାକ୍ତନ ସଦସ୍ୟ ହୃଷିକେଶ ପଣ୍ଡା ଓ ଚାଇଲ୍ଡ ହେଲ୍ପ ଲାଇନ, କଟକର ନାରାୟଣ ଶୁକ୍ଳ ଶିଶୁ ଉଦ୍ଧାର ଓ ଥଇଥାନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ୟୁନିଟର ସମସ୍ତ ଅଧିକାରୀ, ଚାଇଲ୍ଡ ହେଲ୍ପ ଲାଇନ ଓ ମହିଳା ହେଲ୍ପ ଲାଇନର କର୍ମଚାରୀ ଓ ଅଧିକାରୀ, ଏକକ ରହଣି କେନ୍ଦ୍ର, ରୁଚିକା ସମାଜ ସେବା ସଂସ୍ଥା, ଶକ୍ତି ସଦନ ଏବଂ ଶିଶୁମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ଶିଶିର କୁମାର ମଲ୍ଲିକ, ପ୍ରମିଳା ସାହୁ, ସରୋଜ ପରିଡା, ରବିନ୍ଦ୍ରନାଥ ସେଠୀ ଓ ଶିଶୁ ହେଲ୍ପ ଲାଇନର ସଂଯୋଜକ ବରେନ୍ଦ୍ର କୃଷ୍ଣ ଦାଶ, ବିନ୍ଦୁ ସାଗର ସାହୁ, ରଜତ କୁମାର ସାହୁ, ସସ୍ମିତା ଜେନା, ଜ୍ୟୋତିର୍ମୟୀ ମିଶ୍ର ଓ ମଧୁସ୍ମିତା ଦଳାଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ କାଳୀ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୌନ୍ ବନେଗା କରୋଡ଼ପତିରେ କଟକର ଝିଅ

**କଟକ, ନ୍ୟୁଜ ବ୍ୟୁରୋ**

କଟକବାସୀଙ୍କ ପାଇଁ ଗୌରବର ଆଣିଛନ୍ତି ବିଦ୍ୟାଧରପୁର ନିବାସୀ ଶୀତଲ ସ୍ନିଗ୍ଧା ମହାରଣା। ଲୋକପ୍ରିୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କୌନ୍ ବନେଗା କରୋଡ଼ପତିରେ ଅଂଶଗ୍ରହଣ କରି ୧୨.୫ ଲକ୍ଷ ଟଙ୍କାର ଅର୍ଥରାଶି ଜିତିଛନ୍ତି। ସେ ବର୍ତ୍ତମାନ ହରିୟାଣାର ହିସାରରେ ଥିବା ଚୌଧୁରୀ ଚରଣ ସିଂହ କୃଷି ବିଶ୍ୱବିଦ୍ୟାଳୟରେ ଉଦ୍ଭିଦ ରୋଗ ବିଜ୍ଞାନରେ ସ୍ନାତକୋତ୍ତର କରୁଛନ୍ତି। ଶୀତଲ ୧୨ଟି ପ୍ରଶ୍ନର ଠିକ ଉତ୍ତର ଦେଇଥିଲେ। ଶୋ'ରେ ତାଙ୍କର ସ୍ଥିରତା, ଧୀର ସ୍ୱଭାବ, ମେଧାଶକ୍ତିକୁ ଦର୍ଶକ ଓ ଅମିତାଭ ବଚ୍ଚନଙ୍କୁ ମଧ୍ୟ ମୁଗ୍ଧ କରିଥିଲା। ସେ ତାଙ୍କ ପୁରସ୍କାର ରାଶିକୁ ଆଗାମୀ ଅଧ୍ୟୟନ ଓ ପରିବାର ସହଯୋଗରେ ବ୍ୟୟ କରିବାକୁ ଯୋଜନା କରୁଛନ୍ତି।

## କଟକ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

# ସଡ଼କ ସୁରକ୍ଷା କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ ଜିଲ୍ଲାପାଳ

**କଟକ, ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ଜିଲ୍ଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକରେ ସଡକ ସୁରକ୍ଷା ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ଅନୁଯାୟୀ ଅଗ୍ରଗତି ଏବଂ ନୂତନ ଅସୁବିଧା ସମ୍ପର୍କ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାଶ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଶିନ୍ଦେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧାର୍ଯ୍ୟ କାର୍ଯ୍ୟାନୁଷ୍ଠାନ ଅନୁପାଳନ ଉପରେ ବିବୃତି ରଖିବାକୁ କହିବା ସହ ଅସମ୍ପୂର୍ଣ୍ଣ ଥିବା କାର୍ଯ୍ୟ ଗୁଡିକ ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଇତି ମଧ୍ୟରେ ମଙ୍ଗୁଳି ଠାରେ ରାସ୍ତା ଉପର ଦେଇ ପାର ହେବା ପାଇଁ ପାଦଚଲା ପୋଲ ଦୁଇଟିରୁ ଗୋଟିଏର ନିର୍ମାଣ ସଂପୂର୍ଣ୍ଣ ହୋଇସାରିଛି ଏବଂ ଅନ୍ୟଟି ଶୀଘ୍ର ସଂପୂର୍ଣ୍ଣ ହେବବୋଲି ଭାରତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅଧିକାରୀ ପ୍ରକାଶ କରିଥିଲେ। ହୋଟେଲ ପ୍ରମୋଦ ନିକଟରେ ହେଉଥିବା ପାର୍କିଂର ସ୍ଥାନନ୍ତରିକରଣ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ସ୍ଥାନୀୟ ବିଡିଓ ଓ ତହସିଲଦାରଙ୍କ ସହ ବୈଠକ ନିମନ୍ତେ କୁହାଯାଇଥିଲା। ଜାତୀୟ ରାଜପଥ ଦିଗକୁ ପ୍ରବେଶ ଦ୍ୱାର ଥିବା ରାସ୍ତାକଡ ବିଦ୍ୟାଳୟ ଗୁଡିକର ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଦ୍ୱାରା ଏକ ତାଲିକା ପ୍ରସ୍ତୁତ କରାଯାଇଛି ଯାହାର ପ୍ରବେଶ ଦ୍ୱାରା ଅନ୍ୟତ୍ର କରି ଛାତ୍ରଛାତ୍ରୀମାନଙ୍କୁ ଦୁର୍ଘଟଣାରୁ ରକ୍ଷା କରିବା ଉପରେ ତୁରନ୍ତ ପଦକ୍ଷେପ ନିଆଯିବାର ନିଷ୍ପତ୍ତି ନିଆଯାଇପାରିବ। ଟାଙ୍ଗୀ ଜଗତପୁରରାସ୍ତାରେ ଆବଶ୍ୟକସ୍ଥଳେ ଅଧିକ ହମ୍ପ ନିର୍ମାଣ ତଥା ରାସ୍ତା ଅବରୋଧ କରୁଥିବା ବ୍ୟବସାୟୀଙ୍କୁ ଅପସାରଣ କରି ଦୁର୍ଘଟଣାକୁ ଆହୁରି ହ୍ରାସ କରାଯାଇପାରିବ ବୋଲି ମତାପ୍ରକାଶ ପାଇଥିଲା। କଟକରୁ ବାଲେଶ୍ୱର ରାସ୍ତାରେ "ୱାଏ ଟୁ କଟକ" ଫଳକ ବଡଆକାର ରେ ଲଗାଇବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ଅମାନିଆ ଗାଡିଚାଳକ, ମଦ୍ୟପାନ କରି ଗାଡିଚଳାଉଥିବା ଚାଳକମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାରପ୍ରାପ୍ତ ପୁଲିସଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ, ବାଉଁଶ ବ୍ୟବସାୟୀଙ୍କ ସହ ବୈଠକ କରି ସୁରକ୍ଷିତ ଭାବରେ କିପରି ବାଉଁଶ ସ୍ଥାନାନ୍ତରଣ କରାଯାଇପାରିବ ସେଦିଗରେ ଆଲୋଚନା ପୂର୍ବକ ପଦକ୍ଷେପ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ସଡକ ଦୁର୍ଘଟଣା ଅପେକ୍ଷାକୃତ ଭାବେ ହ୍ରାସ ପାଇଛି। ସେହିପରି ନିୟମ ଭଙ୍ଗକାରୀ ଚାଳକଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦକରାଯିବା ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ବୃଦ୍ଧିପାଇଛି। ବୈଠକରେ କଟକ ଜିଲ୍ଲା ବସ ମାଲିକ ସଂଘ ଏବଂ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ଭାଗନେଇ ଆଲୋଚନାରେ ଅଂଶଗ୍ରହଣ ପୂର୍ବକ ନିଜ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ବୈଠକରେ ନିଆଯାଉଥିବା ନିଷ୍ପତ୍ତି ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରିବା ଦିଗରେ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଉପଆୟୁକ୍ତ ଅମରେନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ଉପ-ଆରକ୍ଷୀ ଅଧ୍ୟକ୍ଷକ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଚଳିତ ଖରିଫ ଧନ ବିକ୍ରିକୁ ନେଇ ଚାଲିଥିବା ସମସ୍ୟା ସମ୍ପର୍କ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କ ସହ ସବିଶେଷ ଆଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଚଳିତ ବର୍ଷ ଖରିଫ ଧନ ବିକ୍ରିକୁ ନେଇ ଚାଷୀ ସଙ୍ଗଠନ ପକ୍ଷରୁ ଗତ କିଛି ଦିନ ପୂର୍ବରୁ ଆନ୍ଦୋଳନ କରାଯାଇଥିଲା। ଚାଷୀ, ପ୍ରଶାସନ ଓ ମିଲର୍ସଙ୍କ ମଧ୍ୟ ରେ ଆଲୋଚନା ପରେ ଧନ ବିକ୍ରି ଆରମ୍ଭ ହୋଇ ସୁଚାରୁ ରୂପେ ଚାଲିଥିଲା। ପୁଣି ଟୋକାନ ସମସ୍ୟାକୁ ନେଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ଆନ୍ଦୋଳନ ସମ୍ପର୍କ ରେ ସୂଚନା ପାଇବା ପରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫୋନ ଯୋଗେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି ଓ ସମସ୍ତ ସମସ୍ୟା ର ଶୀଘ୍ର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି ବୋଲି ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି।

ଏଠାରେ ଉଲ୍ଲେଖ ଥାଉ ଯେ ଏହା ପୂର୍ବ ରୁ ଓଡ଼ିଶାରେ ଖରିଫ ଋତୁ ଓ ରବି ଋତୁ ପାଇଁ ଏଫ.ସି.ଆଇ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଅଧିକ ଉଷୁନା ଧାନ କିଣିବା ସହ ଚାଉଳର ଶୀଘ୍ର ଉଠାଣ ପାଇଁ କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ସାକ୍ଷାତ୍ କରି ଅନୁରୋଧ କରିଥିଲେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ, ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ସ୍ୱାର୍ଥକୁ ରକ୍ଷା କରି ଖରିଫ ଫସଲ ପାଇଁ ଧାନ କିଣିବା ଲକ୍ଷ୍ୟକୁ ୪୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୪୭ ଲକ୍ଷ ମେଟ୍ରିକ୍ ଟନ୍ କରାଯାଇଛି। ସେହିପରି ରବି ଫସଲ ପାଇଁ ଏହି ଲକ୍ଷ୍ୟକୁ ୧୦ ଲକ୍ଷ ମେଟ୍ରିକ୍ ଟନରୁ ବୃଦ୍ଧି କରି ୧୧ ଲକ୍ଷ ମେଟ୍ରିକ୍ ଟନ୍ କରିବା ପାଇଁ ନିଷ୍ପତି ନିଆଯାଇଛି। ଏହା ସହ ଧାନ କିଣା ଲକ୍ଷ୍ୟରେ ୮ ଲକ୍ଷ ମେଟ୍ରିକ୍ ଟନ୍ ବୃଦ୍ଧି ତଥା ମୋଟ ୫୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବା ନିଷ୍ପତ୍ତି ନିଆଯାଇଥିଲା।

# ବ୍ରହ୍ମପୁର ସହର ଭିତରେ ଏନ୍‌ଏଚ୍-୫୯ରେ ୨ଟି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପ୍ରସ୍ତାବ ଅନୁମୋଦିତ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**



ସହରରେ ବଢ଼ିବ ଫ୍ଲାଏ ଓଭରବ୍ରିଜ୍ ସଂଖ୍ୟା। ପୂରଣ ହେବ ସହରବାସୀଙ୍କ ଦୀର୍ଘ ବର୍ଷର ଦାବି। ଦୂର ହେବ ଟ୍ରାଫିକ୍ ସମସ୍ୟା ଓ ସଡ଼କ ଦୁର୍ଘଟଣା ଜନିତ ମୃତାହତ ସଂଖ୍ୟା। ସହର ମଧ୍ୟରେ ଅଧିକ ଦୁଇଟି ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ କରିବାକୁ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପ୍ରିନ୍ସିପାଲ୍ ଅନୁମୋଦନ ଦେଇଥିବା ଜଣାପଡ଼ିଛି। ଯାହାକୁ ନେଇ ବିଭିନ୍ନ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ତେବେ କେବଳ ପ୍ରିନ୍ସିପାଲ୍ ଅନୁମୋଦନ ନୁହେଁ ବରଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ହେଲେ ଆଗାମୀ ଦିନରେ ଉଭୟ ବୈଷୟିକ ଓ ଆର୍ଥିକ ଅନୁମୋଦନ ମଧ୍ୟ ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ମିଳିଥିବା ସୂଚନା ପ୍ରକାରେ ମନ୍ତ୍ରଣାଳୟ ପକ୍ଷରୁ ଉପକୂଳ ହାଇୱେ ପ୍ରକଳ୍ପ ଜରିଆରେ ୧୬ ନମ୍ବର ଜାତୀୟ ରାଜପଥର ଟାଙ୍ଗୀ ଠାରୁ ପୁଇଁତଳା ଏବଂ ଆନ୍ଧ୍ରପ୍ରଦେଶର ଇଚ୍ଛାପୁରମ୍ ଯାହାର ଦୂରତା ପ୍ରାୟ ୧୪୦ କିଲୋମିଟର ତାହାକୁ ୬ ଲେନ୍ କରିବାକୁ ପ୍ରସ୍ତାବ ରହିଛି। ଏଥିପାଇଁ ପ୍ରାୟ ୩୫୦୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିଭଳି ନୂଆ ଅର୍ଥନୈତିକ କରିଡ଼ର ଭାବେ ୫୯ ନମ୍ବର ଜାତୀୟ ରାଜପଥରେ ବ୍ରହ୍ମପୁର ଠାରୁ ହିଞ୍ଜିଳିକାଟୁ ବାଇପାସ୍ ଦେଇ ଆସିକା, କାଳକଣ୍ଠପୁର ପର୍ଯ୍ୟନ୍ତ ରାସ୍ତାକୁ ୪ ଲେନ୍ ବିଶିଷ୍ଟ କରିବାକୁ ପ୍ରସ୍ତାବ ଅନୁମୋଦନ ଲାଭ କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରାୟ ୧ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ସୂଚନା ମିଳିଛି। ଅନୁରୂପ ଭାବେ ଉପାନ୍ତ ତଥା ଆଦିବାସୀ ଅଧ୍ୟୁଷିତ ଅଚଂଳରେ ଗମାନଗମନର ସୁବିଧା ପାଇଁ ଗଜପତି ଜିଲ୍ଲାର ଜାତୀୟ ରାଜପଥ ୩୨୬-ଏ ରେ ମୋହନା ଠାରୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ରାସ୍ତାକୁ ପ୍ରଶସ୍ତ କରାଯିବାକୁ ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ଜଣାପଡ଼ିଛି। ଏଥି ସହିତ ବ୍ରହ୍ମପୁର ସହର ମଧ୍ୟରେ ୫୯ ନମ୍ବର ଜାତୀୟ ରାଜପଥରେ ଦୁଇଟି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କରିବାକୁ ମଧ୍ୟ ପ୍ରସ୍ତାବ ଅନୁମୋଦନ ଲାଭ କରିଥିବା ଜଣାପଡ଼ିଛି। ସେଥି ମଧ୍ୟରୁ ଗୋଟିଏ କମାପଲ୍ଲୀ ଓଭରବ୍ରିଜ୍ ଯାହା ଟାଟାବେଞ୍ଜ୍ ଛକ ଠାରୁ କୋର୍ଟପେଟା ଛକ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ୨୨ ମିଟର ଦୂରତା ବିଶିଷ୍ଟ ହେବ। ଏଥିପାଇଁ ୮୮୩୩.୦୫ କୋଟିର ବ୍ୟୟ ଅଟକଳ କରାଯାଇଥିବା ବେଳେ ଅନ୍ୟଟି ଖଲ୍ଲିକୋଟ କଲେଜ ନିକଟରେ ଅର୍ଥାତ୍ ବିଜିପୁର ଛକ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପ୍ରାୟ ୧ କିଲୋମିଟର ୨ ମିଟର ଦୂରତା ବିଶିଷ୍ଟ କରିବାକୁ ପ୍ରସ୍ତାବ ରହିଛି। ଦୁଇଟି ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଲେ ସହରରେ ଫ୍ଲାଏ ଓଭର ବ୍ରିଜ୍ ସଂଖ୍ୟା ୬ ରୁ ୮ କୁ ବୃଦ୍ଧି ପାଇବ। ସହର ମଧ୍ୟରେ ବର୍ତ୍ତମାନ କମାପଲ୍ଲୀ, ଗୋପାଳପୁର, ଆଙ୍କୁଲି, ଲାଞ୍ଜିପଲ୍ଲୀ ଓ ଗୋଷାଣିନୂଆଗାଁ ଆଦି ୫ଟି ଫ୍ଲାଏ ଓଭର ବ୍ରିଜ୍ ଥିବା ବେଳେ ଗେଟ୍‌ବଜାର ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ରାସ୍ତାର ପ୍ରଶସ୍ତିକରଣ ଓ ସହର ମଧ୍ୟରେ ଫ୍ଲାଏ ଓଭରବ୍ରିଜ୍ ନିର୍ମାଣ ହେଲେ କେବଳ ଟ୍ରାଫିକ୍ ସମସ୍ୟାର ସମାଧାନ ହେବ ଏହା ନୁହେଁ ବରଂ ସହରବାସୀଙ୍କ ଦୀର୍ଘ ବର୍ଷର ପୁରୁଣା ଦାବି ପୂରଣ ହୋଇପାରିବ। ପୂର୍ବ ସରକାର ଅମଳରେ ମଧ୍ୟ ସହର ମଧ୍ୟରେ ଫ୍ଲାଏ ଓଭର ବ୍ରିଜ୍ ତଥା ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରିବାକୁ ସ୍ଥାନୀୟ ବିଧାୟକ ଓ ସାଂସଦମାନେ ବହୁବାର ଦାବି କରିଥିଲେ। ନିକଟରେ ଅର୍ଥାତ୍ ଗତ ନଭେମ୍ବର ୧୪ ତାରିଖରେ ସ୍ଥାନୀୟ ବିଧାୟକ କେ. ଅନୀଲ୍ କୁମାର ମଧ୍ୟ ସହର ମଧ୍ୟରେ ଖଲ୍ଲିକୋଟ କଲେଜ ନିକଟରେ ଏବଂ ଟାଟାବେଞ୍ଜ୍ ଛକ ଠାରୁ କୋର୍ଟପେଟା ଛକ ମଧ୍ୟରେ ଦୁଇଟି ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ପାଇଁ ଜାତୀୟ ରାଜପଥ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଲେଖି ଦାବି କରିଥିଲେ। ଏହା ଦ୍ୱାରା ସହରର ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ସେ ମତ ପ୍ରକାଶ କରିବା ସହିତ ଏଥିପାଇଁ ସେ କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ତଥା ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଭାଗ ମନ୍ତ୍ରୀ ନୀତିନ୍ ଗଡ଼କାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେପଟେ କେନ୍ଦ୍ର ସଡ଼କ ଓ ପରିବହନ୍ ବିଭାଗର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ବିନା ବିଳମ୍ବରେ ପ୍ରକଳ୍ପ ପାଇଁ ଜରୁରୀ ଉଭୟ ଟେକ୍ନିକାଲ୍ ଓ ଫାଇନାନ୍ସିଆଲ୍ ଆପ୍ରୁଭାଲ୍ କରିବାକୁ ପୂର୍ବତନ ସାଂସଦ ତଥା ବରିଷ୍ଠ ବିଜେଡ଼ି ନେତା ଚନ୍ଦ୍ରଶେଖର ସାହୁ ଦାବି କରିଛନ୍ତି।

# ୧୬ ଭୂମିହୀନ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ତହସିଲ ଅନ୍ତର୍ଗତ ଆଳିପିଙ୍ଗଳ ପଞ୍ଚାୟତର ବାଲିଘାଇ ମସାଣି ଦଣ୍ଡାରେ ଜରିପାଲ ଟାଣି ବସବାସ କରୁଥିବା ୧୬ ପରିବାରକୁ ଜଗତସିଂହପୁର ତହସିଲ ପ୍ରଶାସନ ପକ୍ଷରୁ ସ୍ଥାୟୀ ଘରଡ଼ିହ ପଟ୍ଟା ବଣ୍ଟନ କରାଯାଇଛି। ଦୀର୍ଘ ବର୍ଷ ପୂର୍ବରୁ ଏହି ପରିବାର ମାନଙ୍କୁ ମୁଲ ଲାଗିବାକୁ ଯାଇଥିବା ସମୟରେ ପ୍ରଶାସନ ପକ୍ଷରୁ ତାଙ୍କ ଘରକୁ ବେଆଇନି ଭାବେ ଭାଙ୍ଗିଦେଇଥିଲେ। ସେବେଠାରୁ ସେହି ପରିବାର ମାନେ ମସାଣିରେ ଜରିପାଲ ଟାଙ୍ଗି ରହିବସହିତ ଆନ୍ଦୋଳନ କରିଥିଲେ। ଜିଲ୍ଲା ଦଳିତ ସଙ୍ଘ ସଭାପତି ଶଙ୍କର ଦାସ ସେବେଠାରୁ ସେମାନଙ୍କର ନାର୍ଯ୍ୟ ହକ ପାଇଁ ଲଢେଇ କରି ଆସୁଥିଲେ। ଏବେ ସେହି ୧୬ ପରିବାରକୁ ତହସିଲ ପ୍ରଶାସନ ପଟ୍ଟା ବଣ୍ଟନ କରିଥିଲେ। ଅନୁସୂଚିତ ଜାତି ଭୋଇ ପରିବାର ଦୀର୍ଘ ୭୭ ବର୍ଷ ଧରି ସରକାରୀ ଜମିରେ ବସତି ସ୍ଥାପନ କରିଆସୁଥିଲେ। ଜିଲ୍ଲାପ୍ରଶାସନ ସେମାନଙ୍କୁ ଉଚ୍ଛେଦ କରିବା ସହିତ ମଶାଣିରେ ରହିବା ପାଇଁ ବାଧ୍ୟ କରିଥିଲା। ଜିଲ୍ଲା ପ୍ରଶାସନ ଖଣ୍ଡେ ଲେଖାଁ ଜରିପାଲ ଦେଇ ମୁଣ୍ଡରୁ ବୋଝ ଖସେଇ ଦେଇଥିଲା କ୍ଷ ଦୀର୍ଘ ଦିନ ଧରି ମଶାଣିରେ ଜରିପାଲ ଟାଙ୍ଗି ୧୬ ଟି ପରିବାର ରହୁଥିବା ବେଳେ ଦଳିତ ବିକାଶ ପରିଷଦ ସଭାପତିଙ୍କ ଉପରେ ଭରସା କରି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାଠୁ ଆରମ୍ଭ କରି ବିଭିନ୍ନ ବିଭାଗ ପର୍ଯ୍ୟନ୍ତ ନ୍ୟାୟ ପାଇଁ ସଂଘର୍ଷ କରିଥିଲେ। ଜଗତସିଂହପୁର ତହସିଲ ପକ୍ଷରୁ ୧୬ ଟି ଭୂମିହୀନ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଜମିପଟ୍ଟା ପାଇଥିବା ଭୂମିହୀନଙ୍କ ମଧ୍ୟରେ କୌଶଲ୍ୟା ଭୋଇ, ବନିତା ଭୋଇ, ଖୋକନ ଭୋଇ, କମଳୀ ଭୋଇ, ରଶ୍ମିତା ଭୋଇ, ମାମିନା ଭୋଇ, ସୁନା ଭୋଇ, ଲିପିକା ଭୋଇ, ମମତା ଭୋଇ, ଦେବସ୍ମିତା ଭୋଇ ପ୍ରମୁଖ ୧୬ ଟି ପରିବାରକୁ ପକ୍କାଘର ଯୋଗାଇ ଦେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି ଜିଲ୍ଲା ଦଳିତ ବିକାଶ ପରିଷଦ ସଭାପତି ଶ୍ରୀଦାସ ପ୍ରକାଶ କରିଛନ୍ତି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୪।୧୨।୨୦୨୫, ମାର୍ଗଶିର ଦି୨୯ନ, ରବିବାର**


**ସୂର୍ଯ୍ୟୋଦୟ- ଘ୬।୧୩।୦୧ ଚନ୍ଦ୍ରୋଦୟ- ରାଘ୨।୦୪।୦୬**


**ଦଶମୀ-** ସଂଘ୬।୫୦ପର୍ଯ୍ୟନ୍ତ। **ହସ୍ତାନକ୍ଷତ୍ରମଳ-** ଦିଘ ୮।୧୯ ପର୍ଯ୍ୟନ୍ତ **କନ୍ୟାଚନ୍ଦ୍ର-** ରାଘ୯।୪୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ,ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ ଓ ମୀନ ରାଶିର। ରାଘ ୯।୪୧ ଗତେ ମେଷ, ବୃଷ, କର୍କଟ, ତୁଳା, ବିଛା, ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-**ରାଘ ୯।୪୧ ମଧ୍ୟେ ବୃଷ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ସଂଘ୬।୫୦ପରେ ଶିମ୍ବ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୭।୦୧ ଗତେ ଦିଘ ୯।୧୦ମଧ୍ୟେ। ଦିଘ ୧।୦୩ ଗତେ ଘ ୨।୫୬ ମଧ୍ୟେ।


**ମେଷ:** କର୍ମକ୍ଷେତ୍ରରେ ଆଶା ଅନୁସାରେ ଫଳ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ। ଶରୀର ସୁସ୍ଥ ରହିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମହିଳାମାନେ ସୁଖୀହେବେ।



**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର। ଏଣୁ ସାବଧାନତା ଅବଲମ୍ବନୀୟ। ବ୍ୟବସାୟ କ୍ଷତିରେ ଚାଲିବ। ଆୟଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା।



**ମିଥୁନ:** ଆର୍ଥିକ ସ୍ଥିତି ଭଲ ରହିବ। ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ବ୍ୟୟର ମାତ୍ରା ଅଧିକ ହେବ। ଘରେ ଆନନ୍ଦ ଦେଖାଦେବ। ମାଲିମକଦ୍ଦମାରେ ଶୁଣାଣି ବିଳମ୍ବ ହେବାର ସମ୍ଭାବନା।



**କର୍କଟ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ରୋଜଗାର ଭଲ ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରୋପକାରୀ ହେବାର ସୂଚନା।



**ସିଂହ:** ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ବ୍ୟୟର ପରିମାଣ ବଢ଼ିବ। ଘରେ ଦ୍ୱନ୍ଦ ଦେଖାଦେବାର ସୂଚନା।



**କନ୍ୟା:** ଆଜି ଆପଣଙ୍କ ଦିନଟି ଆନନ୍ଦମୟ ହେବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆୟର ପରିମାଣ ବଢ଼ିବ। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ପିଲାମାନେ ପଢ଼ାପଢ଼ିରେ ଆଗେଇବାର ସୂଚନା।


**ତୁଳା:** ଆର୍ଥିକ ସ୍ଥିତି ଭଲ ରହିବ। ଶତ୍ରୁଙ୍କ ପ୍ରତି ସତର୍କତା ଅବଲମ୍ବନୀୟ। ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର। ପାରିବାରିକ ଜୀବନ ସୁଖମୟ ହେବ। ମହିଳାମାନେ ସୁଖୀ ହେବେ।


**ବିଛା:** ବ୍ୟୟର ପରିମାଣ ଅଧିକ ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟ ବୃଦ୍ଧି ହେବ। ଦେବ ଦର୍ଶନ ସହ ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟ ଓ ବ୍ୟୟ ସମାନ ରହିବ। ଗୃହରେ ସୁଖ ଶାନ୍ତି ଅବ୍ୟାହତ ରହିବ।


**ଧନୁ:** ଆର୍ଥିକ ସ୍ଥିତି ପୂର୍ବ ପରି ରହିବ। ସମସ୍ତ କାର୍ଯ୍ୟ ସିଦ୍ଧି ହେବ। ତରତର ଭାବରେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ। ପାରିବାରିକ ଜୀବନ ସୁଖମୟ ହେବ। ଦେହ ଭଲ ରହିବ।


**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମାନସିକ ଶାନ୍ତି ଅବ୍ୟାହତ ରହିବ। ସରକାରୀ ସ୍ତରରୁ ଲାଭବାନ ହୋଇ ପାରନ୍ତି। ମହିଳାମାନେ ସୁଖୀ ହେବେ।


**କୁମ୍ଭ:** କର୍ମକ୍ଷେତ୍ରରେ ଆତ୍ମ ସନ୍ତୋଷ ଲାଭ କରିବେ। ଦେହ ଭଲ ରହିବ। ବନ୍ଧୁ ଦର୍ଶନ ସହ ସହଯୋଗ ମଧ୍ୟ ଲାଭ କରିବେ। ମହିଳାମାନେ ସୁଖୀ ହେବେ। କଚେରୀ ମାମଲାରେ ଶୁଣାଣି ବିଳମ୍ବ ହୋଇପାରେ।


**ମୀନ:** ଧର୍ମ କାର୍ଯ୍ୟରେ ଲିପ୍ତ ରହିବେ। ବ୍ୟବସାୟରେ ସଫଳତା ଦେଖାଦେବ। ମନରେ ପ୍ରସନ୍ନତା ରହିବ। ପିଲାମାନେ ସୁଖୀ ହେବେ। ସାଂସାରିକ ଜୀବନ ସୁଖମୟ ହେବ। ଆୟ ଭଲ ହେବ। ମହିଳାମାନେ ସୁଖୀ ହେବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୫।୧୨।୨୦୨୫, ମାର୍ଗଶିର ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୬।୧୩।୩୫ ଚନ୍ଦ୍ରୋଦୟ-ରାଘ୨।୫୪।୧୦**

**ଏକାଦଶୀ-** ରାଘ୯।୨୦ପର୍ଯ୍ୟନ୍ତ। **ଚିତ୍ରାନକ୍ଷତ୍ର-** ଦିଘ ୧୧।୦୯ ପର୍ଯ୍ୟନ୍ତ **ତୁଳାଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ମେଷ,ବୃଷ, କର୍କଟ,ସିଂହ, ତୁଳା, ବିଛା,ଧନୁ ଓ ମକର ରାଶିର। **ଘାତ ଚନ୍ଦ୍ର-**ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ୯।୨୦ପରେ ପୋଇ ଖାଇବା ମନା। **ଆଜିର ଶୁଭବେଳା-** ପ୍ରାଘ ୬।୧୭ ଗତେ ଘ ୭।୩୮ ମଧ୍ୟେ। ଦିଘ ୯।୧୦ ଗତେ ଘ ୧୧।୨୦ ମଧ୍ୟେ। **ପର୍ବୋତ୍ସବ-**ସଫଳା ଏକାଦଶୀ,ମାସାନ୍ତ,ସର୍ଦ୍ଦାର ପଟେଲଙ୍କ ତିରୋଧାନ ଦିବସ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

## ସମୁଦ୍ରପଉନ ବୃଦ୍ଧି ଚିନ୍ତାର କାରଣ

ପ୍ରତିବର୍ଷ ସମୁଦ୍ର ଜଳରାଶିର ସ୍ତରରେ ବୃଦ୍ଧି ଘଟୁଛି। ସମୁଦ୍ରରେ ପ୍ରତି ଏକ ମିଲିମିଟର ଜଳରାଶି ବଢ଼ିବାର ଅର୍ଥ ଏହା ମଧ୍ୟକୁ ଯେତିକି ଜଳରାଶି ପ୍ରବେଶ କରିଥାଏ ତାହା ୩୬୦ ବର୍ଗ କିଲୋମିଟର ଅଧିକ ଜାଗା ଅକ୍ତିଆର କରିଥାଏ। ଯଦି ସମୁଦ୍ର ଜଳରାଶି ୧ ଇଞ୍ଚ (୧ ଇଞ୍ଚ = ୨୫.୪ ମିଲିମିଟର) ବୃଦ୍ଧି ହେଉଛି ତେବେ ଏହା ୯,୨୦୦ ବର୍ଗ କିଲୋମିଟର ଅଧିକ ଜାଗା ଅକ୍ତିଆର କରୁଛି। ଅର୍ଥାତ ସମୁଦ୍ର ଜଳରାଶିରେ ଏକ ଇଞ୍ଚର ବୃଦ୍ଧିର ଅର୍ଥ ଭୁବନେଶ୍ୱର ଭଳି ୫୦ଟି ସହର ସଂପୂର୍ଣ୍ଣ ବୁଡ଼ିଯିବା ଭଳି ଅଞ୍ଚଳ। ସମୁଦ୍ର ସେହି ଅଞ୍ଚଳକୁ ଅଧିକ ମାଡ଼ି ଯାଉଛି ଯେଉଁଠି ଏହାର ମୃତ୍ତିକା ଅପେକ୍ଷାକୃତ ଦୁର୍ବଳ ରହିଛି।

ସମୁଦ୍ରରେ ଗାଁ ବିଲୀନ ହେବା କେବଳ ଏକମାତ୍ର ପରିବେଶ ଅବକ୍ଷୟର ଉଦାହରଣ ନୁହେଁ। ଗଲା କୋଡ଼ିଏ ବର୍ଷ ମଧ୍ୟରେ ଦେଶରେ ସମୁଦାୟ ୮୦ଟି ବାତ୍ୟା (ସେ ମଧ୍ୟରୁ ୨୦ଟି ଭୟଙ୍କର) ହୋଇସାରିଲାଣି। ୮୦,୦୦୦ ଛୋଟ ବଡ଼ ଭୂସ୍ଖଳନ (୧୯୯୮ରୁ ୨୦୨୨ ମଧ୍ୟରେ) ହୋଇସାରିଲାଣି। ଏହି ସମସ୍ତ ଘଟଣା ପରିବେଶ ଅବକ୍ଷୟର ପ୍ରମୁଖ କାରଣ। ସେହି ଲାଭଖୋର ଅର୍ଥନୀତି କାରଣରୁ ଓଡ଼ିଶାରେ ୨୦୦୦ରୁ ୨୦୨୩ ମସିହା ମଧ୍ୟରେ ୨୬. ୭୫ ଲକ୍ଷ ଗଛ କଟାଯାଇଛି। ଏହି ସମୟ ମଧ୍ୟରେ ୧୪୦ ହଜାର ହେକ୍ଟର ଜଙ୍ଗଲ ଜମି ନଷ୍ଟ ହୋଇଯାଇଛି, ସମଗ୍ର ଦେଶରେ ଏହା ୨.୩୩ ନିୟୁତ ହେକ୍ଟର। ଆଗାମୀ କିଛି ବର୍ଷ ମଧ୍ୟରେ ଭାରତ, ବାଙ୍ଗଲାଦେଶ, ବର୍ମା ଓ ପାକିସ୍ତାନର କୋଟି କୋଟି ଲୋକ ଏଥିଲାଗି ପ୍ରଭାବିତ ଓ ବିସ୍ଥାପିତ ହେବେ। ସମୁଦ୍ର ଦିନେ ବହୁତ ଦୂରରେ ଥିଲା। ଲୋକେ ସମୁଦ୍ରର ଦୂରତା ଦେଖି ନିଜ ଜମି ଉପରେ ଘର ବସାଇଥିଲେ। ଘର ଚାରିପାଖରେ ବାଡ଼ି ବଗିଚା କରିଥିଲେ। ବିଲରେ ଚାଷ କରି ପରିବାର ଚଳାଉଥିଲେ। ସମୁଦ୍ରର ଘୁ ଘୁ ଶବ୍ଦ ଶୁଣାଯାଉଥିଲା। ଦିନେ ସମୁଦ୍ର ଆସି ଗାଁରେ ହାଜର ହୋଇଗଲା। ଘର ବୁଡ଼ାଇଦେଲା। ପିଢ଼ି ପିଢ଼ିର ଜମିକୁ ସମୁଦ୍ର ଅକ୍ତିଆର କରିନେଲା। କାହିଁ ଶହ କି ହଜାର ବର୍ଷ ହେଲା ଲୋକେ ଚାଷ କଲେଣି। କାହିଁ ଚାଷ ହେତୁ ତ କେଉଁ ଗାଁ ଭାସି ଯାଉନଥିଲା! ପାରମ୍ପରିକ ଚାଷ ଲୋକଙ୍କୁ ଖାଦ୍ୟ ଦେଉଥିଲା କାହା ଘର ଉଜାଡ଼ି ଦେଉନଥିଲା। ସମୟରେ ପରିବର୍ତ୍ତନ ହୋଇଛି। ଦେଶର ଅର୍ଥନୀତିର ମୂଳ ସ୍ଲୋଗାନ ହୋଇଛି ଯେତେ ପାରେ ସେତେ ଲାଭ କରିବା ହିଁ ଉତ୍ତମ ବ୍ୟବସାୟର ଲକ୍ଷଣ। 'ଛୋଟ ଲାଭ'କୁ 'ବଡ଼ ଲାଭ' ଖାଉଛି। ବଡ଼ ଲାଭକୁ 'ଦରିଆପାରୀ ଲାଭ' ଖାଉଛି। ଅସ୍ମିତା, ଜାତୀୟତା ଓ ମାନବିକତାର ବ୍ୟବସାୟ ହେଉଛି। ପ୍ରତ୍ୟେକ ଗାଁ ଓ ସହର ଉପରେ ରହିଛି ଖଣିରୁ ଉଡୁଥିବା ଧୂଳି, କାରଖାନାର ଆବର୍ଜନା, ଅଜଣା ରୋଗର ବିଭୀଷିକା, ମାନସିକ ବେମାରୀ, ଆତ୍ମହତ୍ୟା ଓ ହତ୍ୟାର ପ୍ରବଣତା ସାଙ୍ଗକୁ ଧନୀ ଗରିବର ପାର୍ଥକ୍ୟ, ସମ୍ବେଦନହୀନ ଆଚରଣ, ଯୌନ ଅତ୍ୟାଚାର ସାଙ୍ଗକୁ ଆତ୍ମଗର୍ବ, ଘୃଣା ଓ ଶୋଷଣର ମାନସିକତା।

# ଅମଳିନ ପ୍ରତିଭା ପଣ୍ଡିତ ନୀଳମଣି ବିଦ୍ୟାରତ୍ନ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆରମ୍ଭ ସମୟର କଥା। ଓଡିଆ ଭାଷାର ସ୍ଥିତି ସେତେବେଳେ ବିପନ୍ନ। ଭାଷାର ସୁରକ୍ଷା ପାଇଁ ଆରମ୍ଭ ହୁଏ ସଂଗ୍ରାମ। ସେ ହିଁ ଥିଲେ ଏହି ଭାଷା ସୁରକ୍ଷା ସଂଗ୍ରାମର ଆଦ୍ୟ ପୁରୋଧା। ଜାତି ପ୍ରାଣରେ ଭରିଥିଲେ ଉତ୍କଳୀୟତାର ଚିନ୍ତା-ଚେତନା। ବିଚ୍ଛିନାଞ୍ଚଳ ମିଶ୍ରଣ ଆନ୍ଦୋଳନ ସେ ହିଁ ଆରମ୍ଭ କରିଥିଲେ। ସେ ହିଁ ପ୍ରେରଣା ଦେଇଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ। ସେ ହେଉଛନ୍ତି ପଣ୍ଡିତ ନୀଳମଣି ବିଦ୍ୟାରତ୍ନ। ଏକାଧାରରେ ସେ ଥିଲେ ସଫଳ ଶିକ୍ଷକ, ଆଦର୍ଶ ସମ୍ପାଦକ, ଉଚ୍ଚକୋଟୀର ଲେଖକ ଓ ସର୍ବୋପରି ବ୍ୟାସକବିଙ୍କ ଭାଷାରେ ଉତ୍କଳର ପ୍ରିୟ ଶ୍ରେଷ୍ଠ ପୁତ୍ର।

ଏହି ଯୋଗଜନ୍ମା ସାଧକଙ୍କ ଜନ୍ମ ହୋଇଥିଲା ୧୮୬୭ ମସିହା ଡିସେମ୍ବର ମାସ ୧୪ ତାରିଖରେ କଟକ ଜିଲ୍ଲାର ବାଙ୍କୀ ଉପକଣ୍ଠ ଅନ୍ତର୍ଗତ ବୈଦ୍ୟେଶ୍ୱରସ୍ଥିତ ବ୍ରଜବିହାରୀପୁର ଶାସନରେ। ତାଙ୍କ ପିତାଙ୍କ ନାମ ସୌରୀଚରଣ ମିଶ୍ର ଓ ମାତାଙ୍କ ନାମ ରୋହିଣୀ ଦେବୀ। ତାଙ୍କ ସାଂଙ୍ଗିଆ ଥିଲା ମିଶ୍ର। "ବିଦ୍ୟାରତ୍ନ" ଉପାଧିରେ ଭୂଷିତ ହେଲାପରେ ସେ ନୀଳମଣି ମିଶ୍ର ପରିବର୍ତ୍ତେ ନୀଳମଣି ବିଦ୍ୟାରତ୍ନ ଭାବେ ସୁପରିଚିତ ହୋଇଥିଲେ। ନୀଳମଣିଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲା। ମାତ୍ର ନିଜର ପ୍ରଚଣ୍ଡ ପ୍ରତିଭା ଓ କଠୋର ଅଧ୍ୟବସାୟ ବଳରେ ସେ ୧୮୮୦ ମସିହାରେ ବୈଦ୍ୟେଶ୍ୱର ପ୍ରାଥମିକ ବିଦ୍ୟାଳୟରୁ, ୧୮୮୨ ମସିହାରେ ଚର୍ଚ୍ଚିକା ମାଇନର ସ୍କୁଲରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ କଟକ ନର୍ମାଲ ସ୍କୁଲରେ ପଢିବା ପାଇଁ ଆସିଲେ। କଟକରେ ସେ ବାଙ୍କୀର ପ୍ରଖ୍ୟାତ ପଣ୍ଡିତ ଗୋବିନ୍ଦ ରଥଙ୍କ ଘରେ ରହିଲେ। କଟକ ଆସିଲା ବେଳେ ମାଆଙ୍କ ଠାରୁ ବହି କିଣିବା ଆଳରେ ଛଅ ଅଣା ପଇସା ମାତ୍ର ନେଇ ଆସିଥିଲେ। ପ୍ରବଳ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ପାଠପଢିବା ସମ୍ଭବ ହେଲାନାହିଁ। ପାଠପଢାରେ ଡୋରି ବନ୍ଧାହେଲା। ନିରାଶାରେ ଗ୍ରାମକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ କଟକରେ କବିବର ରାଧାନାଥଙ୍କ ସହ ତାଙ୍କର ସାକ୍ଷାତ ହେଲା। ଏଇଠୁ ଘଟିଲା ତାଙ୍କ ଭାଗ୍ୟର ପରିବର୍ତ୍ତନ। ରାଧାନାଥ ତାଙ୍କୁ ଚାକିରି ଯୋଗାଡ କରିବାର ପ୍ରତିଶ୍ରୁତି ଦେବା ସହ କଟକରେ କିଛିଦିନ ରହି ତାଙ୍କ ପେନସିଲ୍ ଲେଖା ପାଣ୍ଡୁଲିପିକୁ କାଳିରେ ଉତାରି ଦେବାକୁ କହିଲେ। ଏହାପରେ ରାଧାନାଥଙ୍କ ଏକ ପତ୍ର ନେଇ ବଡମ୍ବାସ୍ଥିତ ଗୋପୀନାଥପୁର ସ୍କୁଲରେ ଶିକ୍ଷକ ଭାବେ ଯୋଗଦେଲେ। ଆନ୍ତରିକତାର ସହ ମନୋନିବେଶ କରି ଶିକ୍ଷା ଓ ଶିକ୍ଷାୟତନର ଅଭିବୃଦ୍ଧି ପାଇଁ ସେ ଲାଗିପଡିଲେ। ଏଥିସହିତ ଗୋପୀନାଥପୁରର ସାମଗ୍ରିକ ଉନ୍ନତି ପାଇଁ ମଧ୍ୟ ପ୍ରୟାସ କଲେ। ଏହି ସ୍କୁଲରେ ରହଣି ମଧ୍ୟରେ ଗୋପୀନାଥପୁର ସ୍କୁଲର ଗୋଟିଏ ଛାତ୍ର ବୃତ୍ତି ଲାଭକଲା। ବଡମ୍ବା ଶିକ୍ଷା ଇତିହାସରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଘଟଣା ଥିଲା। ମହାରାଜା ଦାଶରଥି ମଙ୍ଗରାଜଙ୍କ ମ୍ୟାନେଜର ଏଥିପାଇଁ ବଡମ୍ବାରେ ଏକ ସ୍ୱତନ୍ତ୍ର ଉତ୍ସବ କରି ନୀଳମଣିଙ୍କୁ ସମ୍ମାନିତ କଲେ। ମହାରାଜାଙ୍କ ପାଟମହିଷୀ ତାଙ୍କ ମନୋରମ କବିତା ଆବୃତ୍ତିରେ ମୁଗ୍ଧ ହୋଇ ନୀଳମଣିଙ୍କୁ "ବିଦ୍ୟାରତ୍ନ" ଉପାଧିରେ ଭୂଷିତ କରିଥିଲେ। ପରେ ବାମଣ୍ଡା ମହାରାଜା ବାସୁଦେବ ସୁଢଳଦେବ ତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ନୀଳମଣିଙ୍କ ଅନୁରୋଧ କ୍ରମେ ବଡମ୍ବା ରାଣୀଙ୍କ ପୂର୍ବପ୍ରଦ "ବିଦ୍ୟାରତ୍ନ" ଉପାଧିକୁ ସ୍ୱୀକାର କରି ତଦନୁରୂପ ସନନ୍ଦ ପ୍ରଦାନ କରିଥିଲେ।

ମହାରାଜା ବାସୁଦେବ ସୁଢଳଦେବଙ୍କ ପୃଷ୍ଠପୋଷକତାରେ ପଶ୍ଚିମ ଓଡିଶାରେ ଓଡିଆ ଭାଷାର ଜାଗ୍ରତ ପ୍ରହରୀ ଥିଲେ ନୀଳମଣି ବିଦ୍ୟାରତ୍ନ। ସମ୍ବଲପୁର ଜିଲ୍ଲାରୁ ଯେତେବେଳେ ଓଡିଆ ଭାଷା ଉଠାଇ ଦେଇ ହିନ୍ଦୀ ଭାଷା ଚଳାଇବାକୁ ସ୍ଥିର କରି ଆଦେଶନାମା ସରକାର ପ୍ରକାଶ କଲେ ସେତେବେଳେ ସେ ଓଡିଆ ଭାଷା ସପକ୍ଷରେ ଆନ୍ଦୋଳନ ଆରମ୍ଭ କଲେ। ୧୮୮୭ ମସିହାରେ "ସମ୍ବଲପୁର ହିତୈଷିଣୀ" ନାମକ ଏକ ପତ୍ରିକା ପ୍ରକାଶ କଲେ। ପ୍ରଥମେ ଗଣେଶ୍ୱର ପଟ୍ଟନାୟକ ଏହି ପତ୍ରିକାର ସମ୍ପାଦକ ହେଲେ। କିଛିଦିନ ପରେ ମହାରାଜା ସୁଢଳଦେବ ନୀଳମଣି ବିଦ୍ୟାରତ୍ନଙ୍କୁ ସ୍ଥାୟୀ ସମ୍ପାଦକ ରୂପେ ନିଯୁକ୍ତ କଲେ। ନୀଳମଣି ଏହି କାର୍ଯ୍ୟରେ ଯେଉଁ ଶକ୍ତି, ସାମର୍ଥ୍ୟ ଓ ପ୍ରତିଭା ଦେଖାଇଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ସମ୍ବଲପୁର ହିତୈଷିଣୀରେ ନୀଳମଣି ଓ ମହାରାଜା ସୁଢଳଦେବ ନିୟମିତ ଭାବେ ଲେଖାଲେଖି କରୁଥିଲେ। ଏହାଛଡା କବିବର ରାଧାନାଥ, ଭକ୍ତକବି ମଧୁସୂଦନ ରାଓ, ବିଶ୍ୱନାଥ କର, ଚନ୍ଦ୍ରମୋହନ ମହାରଣା, ଚିନ୍ତାମଣି ମହାନ୍ତି, ସ୍ୱଭାବକବି ଗଙ୍ଗାଧର ମେହେର ପ୍ରଭୃତି ସାରସ୍ୱତ ସାଧକମାନେ ଏହି ପତ୍ରିକାରେ ଲେଖି ସାରସ୍ୱତ ପ୍ରତିଷ୍ଠା ଲାଭ କରିଥିଲେ।

ସମ୍ବଲପୁରରେ ଭାଷା ଆନ୍ଦୋଳନ ତୀବ୍ର ହେଲା। ସେ ଆନ୍ଦୋଳନରେ ଯେଉଁମାନେ ଅଗ୍ରଣୀ ଭୂମିକା ନେଲେ ସେମାନେ ହେଲେ ମହନ୍ତ ବିହାରୀ ଦାସ, ଶ୍ରୀପତି ମିଶ୍ର, ଚନ୍ଦ୍ରଶେଖର ବେହେରା, ବ୍ରଜମୋହନ ପଟ୍ଟନାୟକ, ମଦନ ମୋହନ ମିଶ୍ର ଓ ଶଙ୍କର ପ୍ରସାଦ ପାଢୀ। ଏହାକୁ ଅନବରତ ଇନ୍ଧନ ଯୋଗାଉଥିଲେ ନୀଳମଣି। ନୀଳମଣିଙ୍କ ଅକ୍ଲାନ୍ତ ପରିଶ୍ରମ ତଥା ନେତୃବୃନ୍ଦଙ୍କ ଆନ୍ଦୋଳନ ଯୋଗୁଁ ଶେଷରେ ସରକାର ସମ୍ବଲପୁରରେ ଓଡିଆ ଭାଷା ପ୍ରଚଳନ ପାଇଁ ଆଦେଶ ଦେଲେ। କେବଳ ସମ୍ବଲପୁର ନୁହେଁ, ସେ ସମଗ୍ର ଓଡିଆ ଭାଷାଭାଷୀ ଅଞ୍ଚଳର ହିତକାମନା କରୁଥିଲେ। ନୀଳମଣି ଜଣେ ଉଚ୍ଚକୋଟୀର ଲେଖକ ଥିଲେ। ସେ ଓଡିଆ ଓ ବଙ୍ଗଳା ଭାଷାରେ ପାରଙ୍ଗମ ଥିଲେ। ତାଙ୍କ ପ୍ରବନ୍ଧ ମାନଙ୍କ ମଧ୍ୟରେ ପ୍ରତିଭାପୂଜା, ବିହଙ୍ଗମ ପ୍ରଣୟ, ପଶୁ ହତ୍ୟା, ଗୋଧନ ରକ୍ଷା, ପଖାଳ ଭାତ ପ୍ରଭୃତି ଉଲ୍ଲେଖଯୋଗ୍ୟ।

୧୯୨୩ ମସିହା ଜୁଲାଇ ୨୬ ତାରିଖରେ ନୀଳମଣି ଇହଲୀଳା ସମ୍ବରଣ କଲେ। ଜୀବନ ବ୍ୟାପି ଦେଶ ଓ ଦଶର କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥିବା ଏହି ପ୍ରତିଭାଧର ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବେ।

# ଭୁବନେଶ୍ୱର ଭାରି ଜାମ



ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ
ରିଟାୟାର୍ଡ ଆଇ ଏ ଏସ, ନିଳାଦ୍ରି ବିହାର, ଭୁବନେଶ୍ୱର
ମୋ ୯୪୩୯୪୯୦୦୦୯.

ପ୍ରତି ମାସରେ ଭୁବନେଶ୍ୱରକୁ ଆସୁଛି ନୂଆ ୧୦,୦୦୦ ଗାଡି। ଲୋକଙ୍କ ଆର୍ଥିକ ଅବସ୍ଥା ସୁଧୁରୁଛି, ଏପରିକି ବସ୍ତି, ଯାହାକୁ ଆମେ ଗରିବ ମାନଙ୍କ ବାସସ୍ଥଳୀ ବୋଲି ପରିଗଣିତ କରୁଥିଲୁ, ସେଠି ବି ମାଳ ମାଳ ଗାଡି। ଗୋଟେ ଗୋଟେ ପରିବାରରେ ଏକାଧିକ ଚାରି ଚକିଆ। ଗୋଟେ ପଟେ ଗାଡି ସଂଖ୍ୟା ବଢ଼ି ଚାଲିଥିବାବେଳେ, ଭୁବନେଶ୍ୱରର ରାସ୍ତାର ପ୍ରଶସ୍ତିକରଣର ନାଁ ନାହିଁ।

ଗାଡି ଖଣ୍ଡେ ଏବେ ବ୍ୟକ୍ତିର ମର୍ଯ୍ୟାଦା ଓ ଆଭିଜାତ୍ୟର ପରିଚୟ ହେଲାଣି, ହେଲେ ସରକାରଙ୍କ ଚେତା ପଶିଲା ବେଳକୁ ବହୁବିଳମ୍ବ ହେଇ ଗଲାଣି।

ବଜାର ହାଟକୁ ଗଲେ ଗାଡି, କାର୍ଯ୍ୟାଳୟକୁ ଗଲେ ଗାଡି, ମଜାମଜଲିସ କରିବାକୁ ଗଲେ ଗାଦି ଖଣ୍ଡେ ନିହାତି ଆବଶ୍ୟକ। ଦୋକାନ ବଜାର ସବୁ ଗଢି ଉଠିଲା ସେଇ ସ୍ଥାନ ମାନଙ୍କରେ ଯେଉଁ ସ୍ଥାନରେ ସରକାର ଜାଗା ବାଣ୍ଟିଥିଲେ ଲୋକଙ୍କ ବାସଗୃହ ପାଇଁ: ଯଥା ବାପୁଜୀ ନଗର, ସହିଦ ନଗର ଇତ୍ୟାଦି। ଏହା ଏବେ ମାଡି ଗଲାଣି ଅନ୍ୟ ବାସସ୍ଥଳୀମାନଙ୍କୁ। ଲିଜ ଜମି ଗୁଡା ବାସଗୃହ ବଦଳରେ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହୃତ କଲେ ସେ ଲିଜ ନାକଚ ହୋଇଯିବାର ଏଗ୍ରିମେଣ୍ଟରେ ଲିଖିତ ଥିଲେ ମଧ୍ୟ ବି ଡି ଏ / ବି ଏମ ସି ବହୁତଳ ବିଶିଷ୍ଟ ବାସଗୃହ ନିର୍ମାଣର ଅନୁମୋଦନ କରୁଛି ଓ ତାହା ଯଦି ବ୍ୟବସାୟିକ କାମରେ ଲାଗୁଚି, ତାହା ନିୟମାବର୍ତ୍ତୀ କି ନୁହେଁ ତାହା ଦେଖିବା ବଦଳରେ, ସେହି ବ୍ୟବସାୟକୁ ସମ୍ମତି ଜଣାଇବା ପୂର୍ବକ "TRADE LICENSE FEE" ଆଦାୟ କରୁଛନ୍ତି ଓ ରାଜସ୍ୱ ବଢ଼ାଉଛନ୍ତି। ଯାହାର ପାରିଣାମରେ, ସେ ବ୍ୟବସାୟ ସ୍ଥାନ ସମ୍ମୁଖରେ ମାଳ ମାଳ ଗାଡି ଠିଆ ହେଉଛି। ଯିଏ ଯେଉଁଠି ଚାହିଁଲା ଦୋକାନ ଖଣ୍ଡେ ପକେଇ ଦେଲା ଓ ତାହା ବର୍ଷ ବର୍ଷ ଧରି ସରକରଙ୍କ ଗୋଚରରେ ଚାଲୁ ରହିଲା। ଗରାଖ ମାନେ ସେ ଦୋକାନ ସମ୍ମୁଖରେ ରେ ଗାଡି ଠିଆ କରେଇବା ସ୍ୱାଭାବିକ ହେଇଗଲା। କେହି ଅପ୍ରୀତିକର ନିଷ୍ପତ୍ତି ନେବା ପାଇଁ ଇଛୁକ ହେଲେନି, ଯଦ୍ୱାରା ରାସ୍ତା କଡରେ ଦୋକାନ ବସେଇବାଟା ଆକର୍ଷଣୀୟ ହୋଇ ଉଠିଲା।

ଉନ୍ନତ ଦେଶ ମାନଙ୍କରେ କିମ୍ବା ଉନ୍ନତ ସହର ମାନଙ୍କରେ ରାସ୍ତା କଡରେ ବ୍ୟବସାୟ କରାଯିବା ବେଆଇନ। ବ୍ୟବସାୟ ପାଇଁ ସରକାର ନିର୍ଦ୍ଦିଷ୍ଟ ସ୍ଥାନ ନିରୁପଣ କରିଥାନ୍ତି ଓ ଅନ୍ୟ ସ୍ଥାନ ଗୁଡିକରେ ବ୍ୟବସାୟକୁ ଦୃଢ ହସ୍ତରେ ନିବାରଣ କରିଥାନ୍ତି, ଯାହା ଭୁବନେଶ୍ୱର କ୍ଷେତ୍ରରେ ଅଦୃଶ୍ୟ। ଏ ସବୁ ଦୂର ଦୃଷ୍ଟିର ଅଭାବ ଓ ଭୋଟ ପାଇଁ ଲୋକ ପ୍ରୀତିର ପରିଣାମ। ସହର ଗୁଡାକୁ ବ୍ୟବସ୍ଥିତ ଢଙ୍ଗରେ ଗଢିବା ପାଇଁ DEVELOPMENT AUTHORITY ମାନ ସୃଷ୍ଟି ହେଲା କିଂତୁ ଉନ୍ନତ ସହର ଗଢି ତୋଳିବାଟା ସ୍ୱପ୍ନରେ ରହିଗଲା। ରାସ୍ତାରେ PUBLIC TRANSPORT କୁ ଯେତେ ଉନ୍ନତ କରାଯିବ, ଲୋକେ ସେତେ ତାହା ସ୍ୱଳ୍ପ ମୂଲ୍ୟରେ ବ୍ୟବହାର କରିବାକୁ ଆଗଭର ହେବେ ଓ ବ୍ୟକ୍ତିଗତ ଗାଡି ଗଡିବା କମି ଯିବ। ଜନ ବସତି ବହୁଳ କଲୋନୀ ମଧ୍ୟ ଦେଇ ଛୋଟ ଛୋଟ ଟାଉନ ବସ ଚାଳିବା ଉଚିତ।



ସହରର ଯେଉଁ ସ୍ଥାନ ମାନଙ୍କରେ ଗାଡି ରଖିବା ପାଇଁ ସ୍ଥାନର ଅଭାବ ଅଛି ସେ ଅଂଚଳକୁ ପ୍ରବେଶ ପାଇଁ ଅଧିକ ଫିସ ଆଦାୟ କଲେ, ଗାଡିର ଭିଡ କମିବ। ଗଳି କନ୍ଦିରେ ଗାଡି, ରାତିରେ ପାର୍କିଂ କଲେ ଜରିମାନା ଆଦାୟ କରାଯିବା ବି ଉଚିତ ହବ। ଗାଡିର ROAD TAX ଆଦାୟ ଛଡା ସହର ମଧ୍ୟରେ ଚଳାଚଳ ପାଇଁ ମଧ୍ୟ ଅଲଗା ଟିକସ ଆଦାୟ କରାଗଲେ ଲୋକେ ନିଜ ଗାଡି ବ୍ୟବହାର କମାଇ ସର୍ବ ସାଧରଣ Transport systemକୁ ଗ୍ରହଣ କରିବେ। ସହରର ବର୍ଦ୍ଧିତ କଳେବରକୁ ଆଖିରେ ରଖି, ଦୀର୍ଘ ସ୍ଥାୟୀ ବିକଳ୍ପ ବ୍ୟବସ୍ଥା ଓ କିଛି କିଛି ଅପ୍ରୀତିକର ନିଷ୍ପତ୍ତି ନବା ଜରୁରୀ : ନହେଲେ ଖାଲି ମିଛ ମିଛ ଲୁହ ଗଡ଼ାଇ ସମୟ କାଟିବାଟା ସାରା ହବ ସିନା ଆମ ଭୁବନେଶ୍ୱର, ନା ଅହମଦାବାଦ, ନା ଇନ୍ଦୋର ନା ବିଶାଖାପାଟଣା ଭଳିଆ ବି ହୋଇ ପାରିବ।

# ଅକ୍ଷୁର୍ଣ୍ଣ ରହୁ ମାନବ-ଅଧିକାର



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୂଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

ରାଜତନ୍ତ୍ରର ଉଗ୍ର ସ୍ୱେଚ୍ଛାଚାରିତା, ପୁଞ୍ଜିପତିଙ୍କ କ୍ରୀତଦାସତ୍ୱ ସହ ବିତ୍ତଶାଳୀ ବ୍ୟକ୍ତିମାନଙ୍କର ଅକଥନୀୟ, ଅମାନବୀୟ ଅତ୍ୟାଚାର ସହ ଦୁର୍ବ୍ୟବହାରରେ ଅସ୍ତିତ୍ୱ ହରାଉଥିବା କିଛି ମଣିଷମାନଙ୍କର ଜୀବନର ମହତ୍ତ୍ୱକୁ କିଛି ଉଦାରବାଦୀଙ୍କ ଚିନ୍ତାଚେତନାକୁ ଆନ୍ଦୋଳିତ କରିଥିଲା। ଦୀର୍ଘଦିନର ପ୍ରୟାସପରେ ମିଳିତ ଜାତିସଂଘର ପ୍ରୟାସ ସଫଳ ରୂପାୟନ ହେଲା। ହଜି ଯାଇଥିବା ମଣିଷର ପରିଚୟ, ସ୍ୱର, ଅଭିବ୍ୟକ୍ତି ସହ ଜିଇଁବାର ମୌଳିକ ଅଧିକାର ଫେରିପାଇବାର ଏକ ନୂତନ ସୁର୍ଯ୍ୟୋଦୟର ଆରମ୍ଭ ହେଲା। ଭାରତ ସ୍ୱାଧୀନତାପ୍ରାପ୍ତିର ଏକବର୍ଷ ତିନିମାସ ପରେ ଅର୍ଥାତ ଉଣେଇଶ ଶହ ଅଠଚାଳିଶ ଡିସେମ୍ବର ଦଶ ତାରିଖରେ ମିଳିତ ଜାତିସଙ୍ଘର ପ୍ରୟାସରେ ସର୍ବଜନୀନ ମାନବ ଅଧିକାରକୁ ଲିଖିତ ଆକାରରେ ଘୋଷଣା କରାଗଲା ବିଶ୍ୱରେ ଅବସ୍ଥାନ କରୁଥିବା ପ୍ରତ୍ୟେକ ମଣିଷର ମାନବ ଅଧିକାର ବିଷୟରେ ଜାଣିବା ଓ ବୁଝିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଦେଶର ନାଗରିକ ହିସାବରେ ସମସ୍ତ ମୌଳିକ ଅଧିକାରକୁ ସଠିକ୍ ଭାବରେ ବୁଝିବାସହ ତାର ଉପଯୁକ୍ତ ବ୍ୟବହାରରେ ଆମ ସ୍ୱାଧୀନତା ନିହିତ। ଆମ ଅଧିକାର ଆମ ବଞ୍ଚିବାର ଏକ ରାହା, ଏକ ପ୍ରେରଣା। ବିଶ୍ୱରେ ପ୍ରତ୍ୟେକ ଦେଶରେ ବିଭିନ୍ନ କ୍ଷେତ୍ରରେ ମାନବ ଅଧିକାର ପାଇଁ ଲଢେଇ ଜାରିରହିଛି। ମାନବ ଅଧିକାର କହିଲେ ଅତ୍ୟାବଶ୍ୟକ ଅଭାବର ପରିପୂରଣ ଯେଉଁଥିରେ ଖାଦ୍ୟ,ବସ୍ତ୍ର, ବାସଗୃହ ସହ
ଜୀଇଁବାର ସମ୍ପୂର୍ଣ୍ଣ ସ୍ୱାଧିନତା। ଜାତି, ବର୍ଣ୍ଣ, ଲିଙ୍ଗ, ଧର୍ମ, ଭାଷା, ସାମାଜିକ ସ୍ଥିତିର ଉର୍ଦ୍ଧ୍ୱରେ ମାନବ ଅଧିକାର। ଏହି ଅତ୍ୟାବଶ୍ୟକ ମୌଳିକ ଅଧିକାର ଏକ ସକାରାତ୍ମକ ସ୍ୱତନ୍ତ୍ରତା ଯାହାଉପରେ କାହାର ଅଙ୍କୁଶନାହିଁ। ଯାହା ଏଠି ସେଠି ସବୁଠି ପ୍ରଯୁଜ୍ୟ। ମାନବ ଜାତି ମଧ୍ୟରେ ସମାନତା ବଜାଇ ରଖିବା ସହ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ନିୟମ ଦ୍ୱାରା ପ୍ରତ୍ୟେକ ମଣିଷକୁ ଏକ ସ୍ୱତନ୍ତ୍ର ପରିଚୟ ସହ ତା ମର୍ଯ୍ୟାଦା ଓ ମହତ୍ତ୍ୱକୁ ଉଜ୍ଜୀବିତ କରିବା ମାନବ ଅଧିକାରର ଲକ୍ଷ୍ୟ। ଗଣତାନ୍ତ୍ରିକ ଶାସନ ସହ ନ୍ୟାୟିକ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ମଣିଷକୁ ସବୁକ୍ଷେତ୍ରରେ ସୁଯୋଗ ପ୍ରଦାନ ମାନବ ଅଧିକାର ରଦ୍ଦେଶ୍ୟ। ମାନବ ଅଧିକାରର ପ୍ରଥମ ଅଧିକାର ଭାବରେ ବଞ୍ଚିବାର ଅଧିକାରକୁ ଅଧିକ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସୃଷ୍ଟିର ଶ୍ରେଷ୍ଠପ୍ରାଣୀଭାବେ ବିବେଚିତ ପ୍ରତ୍ୟେକ ମଣିଷର ଜୀବନ ଏକ ମୂଲ୍ୟବାନ ସମ୍ବଳ। କାରଣ ମଣିଷଟେ ବଞ୍ଚିଲେ ହିଁ ସମାଜକୁ ବିକଶିତ କରିବ, କିଛି ନୂତନତ୍ୱ ସୃଷ୍ଟି କରିବ। ଯେମିତି ଗଛଟିଏ ବଞ୍ଚିଲେ ଫୁଲ, ଫଳ, ପତ୍ର, ଛାୟାସହ ଶୁଦ୍ଧ ଅମ୍ଳଜାନ ପ୍ରଦାନ କରିଥାଏ ଠିକ୍ ସେମିତି ପ୍ରତ୍ୟେକ ମଣିଷକୁ ଜିଇଁବାର ଅଧିକାର ଆବଶ୍ୟକ। କାରଣ ପ୍ରତ୍ୟେକ ମଣିଷ ମଧ୍ୟରେ ଏକ ବୃହତ୍ ସମ୍ଭାବନା ଲୁଚିଥାଏ ଯାହା ପରବର୍ତ୍ତୀ ସମୟରେ ବିଶ୍ୱକୁ ଅନେକ କିଛି ଦିଏ। ମିଶର ସଭ୍ୟତାର ବାବିଲୋନ ଓ ପ୍ରୁସିଆରେ ବହୁଳ ପରିମାଣରେ କ୍ରୀତଦାସ ପ୍ରଥାରେ ନିର୍ଯାତିତ ମଣିଷମାନଙ୍କୁ ସାମାଜିକ ନ୍ୟାୟପ୍ରଦାନ ଉଦ୍ଦେଶ୍ୟରେ ରାଜା ସାଇରସ ଦାସତ୍ୱ ପ୍ରଥା ଉଚ୍ଛେଦପାଇଁ ପ୍ରୟାସ କରିଥଲେ। ୧୨୧୫ରେ ଇଂଲଣ୍ଡର ରାଜା ଜନ୍ ମାଗ୍ନାକାର୍ଟ ବା ଗ୍ରେଟ୍ ଚାର୍ଟର ମାଧ୍ୟମରେ ଏକ ନିୟମ ପ୍ରଣୟନ କରିଥିଲେ ଯେଉଁଥିରେ ରାଜାଙ୍କ କ୍ଷମତାକୁ ସଙ୍କୁଚିତ କରିବା ସହ ସର୍ବସାଧାରଣଙ୍କ ପାଇଁ ବଞ୍ଚିବାର ମୌଳିକ ଅଧିକାରର ସୁରକ୍ଷା ପ୍ରଦାନ କରିବା। ବ୍ରିଟିଶ୍ ଦାର୍ଶନିକ ଜନ୍ ଲକଙ୍କ ମତରେ ପ୍ରତ୍ୟେକ ମଣିଷର ତିନୋଟି ପ୍ରାକୃତିକ ଅଧିକାର ଯଥା ବଞ୍ଚିବାର ଅଧିକାର, ସ୍ୱତନ୍ତ୍ରତା ତଥା ନିଜ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣରୁ ଅଧିକାରୀ। ଏହି ତିନୋଟି ଅଧିକାରରୁ କେହି ବଞ୍ଚିତ ନହେଉ। ଋଷ ଦାର୍ଶନିକ କାର୍ଲମାର୍କସଙ୍କ ମତରେ ସମ୍ପୂର୍ଣ୍ଣ ସମାଜକୁ ବର୍ଗହୀନ ସମାଜରେ ପରିଣତଦ୍ୱାରା ବ୍ୟକ୍ତିର ମୌଳିକ ଅଧିକାର ଅକ୍ଷୁର୍ଣ୍ଣ ରହିବ। ସାମ୍ପ୍ରତିକ ସମାଜରେ କିଛି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଓ ଜାତି ମଧ୍ୟରେ ରାଜନୈତିକ ବିଚାରଧାରାଦ୍ୱାରା ଭିନ୍ନଭିନ୍ନ ସମୟରେ ଉତ୍ତେଜନା ସୃଷ୍ଟିସହ ବ୍ୟକ୍ତିର ମୌଳିକ ଅଧିକାର ନଷ୍ଟ ହେବାରେ ଲାଗିଛି। ସାମାଜିକ ସୁରକ୍ଷା ଓ ଜୀବନଧାରଣର ମୌଳିକ ଆବଶ୍ୟକତା ମାନବୀୟ ମୂଲ୍ୟବୋଧର ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ହୃଦୟଙ୍ଗମତା ପ୍ରତ୍ୟେକ ସଭ୍ୟସମାଜର ଆଭିମୁଖ୍ୟ ହେବା ଉଚିତ୍। ଦେଶର ଶାସନତନ୍ତ୍ରକୁ ସୁଦୃଢ଼ କରିବା ସହିତ ସମସ୍ତଙ୍କୁ ନ୍ୟାୟପ୍ରଦାନ ଗଣତନ୍ତ୍ର ଆସନରେ ଅଧିଷ୍ଠିତ ବ୍ୟକ୍ତିବିଶେଷଙ୍କ ନୈତିକ କର୍ତ୍ତବ୍ୟ କିନ୍ତୁ ଉଭୟ ରାଜନୈତିକ, ଧାର୍ମିକ ତଥା ପୁଞ୍ଜିବାଦୀଙ୍କ ନିଜସ୍ୱ ବିଚାରଧାରା ପ୍ରଭାବରେ ବିଶ୍ୱରେ ମାନବ ଅଧିକାର କ୍ଷୁର୍ଣ୍ଣ ହୋଇଚାଲିଛି। ବ୍ୟକ୍ତିବ୍ୟକ୍ତି ମଧ୍ୟରେ ତିକ୍ତତା, ସଂକୀର୍ଣ୍ଣ ମାନସିକତା, ବିକୃତି ଚିନ୍ତାଧାରା ତଥା ବୌଦ୍ଧିକ ମାନସିକତାକୁ ବିପରୀତଭିମୁଖିରେ ପରିଚାଳନା ଦ୍ୱାରା ମାନବ ଅଧିକାର ନଷ୍ଟ ହେଉଛି। ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ନ୍ୟାୟିକ କ୍ଷେତ୍ରରେ ସମସ୍ତଙ୍କୁ ନ୍ୟାୟପ୍ରାପ୍ତି ହିଁ ମାନବ ଅଧିକାର। ଶିକ୍ଷାରୁ ସ୍ୱାସ୍ଥ୍ୟ, ଧର୍ମରୁ ପରମ୍ପରା ତଥା କର୍ମରୁ ବୃତ୍ତି ସମସ୍ତ କ୍ଷେତ୍ରରେ ସମାନତାକୁ ଆପଣାଇବାର ସମ୍ପୂର୍ଣ୍ଣ ସ୍ୱାଧୀନତାର ପରିପ୍ରକାଶ ଅଧିକାର। ଉଚ୍ଚନୀଚ, ଜାତିବର୍ଣ୍ଣ, ସମ୍ପ୍ରଦାୟ ମଧ୍ୟରେ ଭେଦଭାବର ମାନସିକ ଯନ୍ତ୍ରଣାରେ କେହି ଶିକାର ନହେଉ। ଏହାସହ ଅଧିକାରକୁ ଅହଙ୍କାର ନଭାବି ଏକ ସୁନ୍ଦର ବିଶ୍ୱର ପରିକଳ୍ପନା କରାଯାଉ। ସ୍ୱାର୍ଥାନ୍ଧ ନହୋଇ ମଣିଷକୁ ମଣିଷ ଭଳି ବ୍ୟବହାର ସହ ଆଚରଣ ଓ ଉଚ୍ଚାରଣ ମାର୍ଜିତ ହେଉ। ଅହିଂସାକୁ ଜୀବନର ଅସ୍ତ୍ରକରି ମାନବଜାତିର ପ୍ରଗତିରେ ନିଜକୁ ସାମିଲ୍ ସହ ବିନା ଭେଦଭାବର ସଂକୀର୍ଣ୍ଣତାର ପୃଷ୍ଠପୋଷକତାକୁ କରିବାପାଇଁ ସଂକଳ୍ପ ନିଆଯାଉ। ଦାରିଦ୍ର୍ୟର ପ୍ରପୀଡିତ ମଣିଷକୁ ଦମନ ନୁହେଁ ବରଂ ତା ଜୀବନଶୈଳୀରେ ପରିବର୍ତ୍ତନ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଦିଆଯାଉ। ଅନାହାର, ବସ୍ତ୍ରହୀନ, ବାସହୀନ ମଣିଷକୁ କିଛି ମୌଳିକ ଆବଶ୍ୟକତା ଯୋଗାଇ ତା ଜୀବନକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ନିର୍ଦ୍ଦୋଷ ଦଣ୍ଡ ନପାଉ, ଗରିବକୁ ଆର୍ଥିକ ଶସକ୍ତ କରାଯାଉ, କେହି ଭୋକରେ ଆଉଟ୍ ପାଉଟ ନହେଉ ତଥା କେହି ଶିକ୍ଷାରୁ ବଞ୍ଚିତ ନହେଉ। ବିଶ୍ୱରେ ଦୀର୍ଘଦିନଧରି ଲାଗି ରହିଥିବା ଜାତି ଓ ଧର୍ମ ମଧ୍ୟରେ ଯୁଦ୍ଧର ଅବସାନ ଘଟୁ। ଭୟରେ ନୁହେଁ ବରଂ ମଣିଷ ସାହସର ସହ ଜୀବନ ନିର୍ବାହ କରୁ। ପ୍ରତ୍ୟେକ ବିଶ୍ୱବାସୀ ଅନୁଭବ କରୁ ପ୍ରତିଟି ଜୀବନର ମହତ୍ତ୍ୱକୁ। ଆମେ ପଶୁତ୍ୱରୁ ମାନବତ୍ୱ ଆଡ଼କୁ ଅଗ୍ରସର ହେଉଛନ୍ତି। ଯେହେତୁ ଆମ ମାନବତ୍ୱ ପ୍ରତ୍ୟେକ ମଣିଷର ଶ୍ରେଷ୍ଠଗୁଣ, ଆମେ ଆମ ମଧ୍ୟରେ ଥିବା ମାନବୀୟ ମହତ୍ତ୍ୱ ଓ ମୂଲ୍ୟବୋଧକୁ ସମାଜର ପ୍ରତିଟି କୋଣରେ ବାଣ୍ଟିବାକୁ ପ୍ରୟାସ କରିବା। ଯଦି ଜାତି, ଧର୍ମ, ବର୍ଣ୍ଣ ଓ ସଂସ୍କୃତିର ଭେଦଭାବ, ଯୁଦ୍ଧ, ଭୟ, ଶୋଷଣ ତଥା ମାନସିକ ଯନ୍ତ୍ରଣା ସମାଜରେ ଲାଗି ରହିବ, ତେବେ ତାହା ମାନବ ଅଧିକାରକୁ ନିଶ୍ଚିତଭାବେ କ୍ଷୁର୍ଣ୍ଣ କରିବ। ଏସବୁ ଉର୍ଦ୍ଧ୍ୱରେ ରହି ଆମେ ସମସ୍ତେ ବିଶ୍ୱଭାତୃତ୍ୱର ପ୍ରେମରେ ବାନ୍ଧି ହୋଇଯିବା ତେବେ ମାନବ ଅଧିକାର ସୁରକ୍ଷିତ ରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ୧ ବର୍ଷ ବୟସରେ ଇତିହାସ ରଚିଲେ ବେଦ ପରେଶ



**ନୂଆଦିଲ୍ଲୀ**

ଏକ ବର୍ଷର ବେଦ ପରେଶ କ୍ରୀଡା ଜଗତରେ ଏକ ନୂତନ ରେକର୍ଡ ସ୍ଥାପନ କରିଛନ୍ତି। ମହାରାଷ୍ଟ୍ରର ରତ୍ନଗିରିର ବାସିନ୍ଦା, ବେଦ ଇଣ୍ଡିଆ ବୁକ ଅଫ ରେକର୍ଡସରେ ପ୍ରବେଶ କରିଛନ୍ତି, ୧୦୦ ମିଟର ପହଁରିବାରେ ସବୁଠାରୁ କମ ବୟସ୍କ ସନ୍ତରଣକାରୀ ହୋଇଛନ୍ତି। ସେ ୧ ବର୍ଷ, ୯ ମାସ ଏବଂ ୧୦ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ। ଇଣ୍ଡିଆ ବୁକ ଅଫ ରେକର୍ଡସ ଅନୁଯାୟୀ, ବେଦ ରତ୍ନଗିରିର ନାଗମ କର୍ପୋରେସନ ସୁଇମିଂ ପୁଲରେ ୧୦ ମିନିଟ ଏବଂ ୮ ସେକେଣ୍ଡରେ ୧୦୦ ମିଟର ଦୌଡ଼ ସମାପ୍ତ କରିଥିଲେ।

ଇଣ୍ଡିଆ ବୁକ ଅଫ ରେକର୍ଡସ ବେଦ ପରେଶଙ୍କ ସଫଳତାକୁ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦେଇଛି, ଏହାକୁ ଏତେ କମ ବୟସର ବ୍ୟକ୍ତିଙ୍କ ପାଇଁ ଏକ ଉଲ୍ଲେଖନୀୟ ସଫଳତା ବୋଲି କହିଛି।

ଇଣ୍ଡିଆ ବୁକ ଅଫ ରେକର୍ଡସ ଅନୁଯାୟୀ, ବେଦ ୧୦୦ ମିଟର ପହଁରିବାରେ ସବୁଠାରୁ କମ ବୟସ୍କ ଝିଅ ହୋଇଛନ୍ତି। ତାଙ୍କର ଜନ୍ମ ୨୨ ଜାନୁଆରୀ, ୨୦୨୪ ରେ ହୋଇଥିଲା। ସେ ୨୫ ମିଟର ଲମ୍ବା ଲ୍ୟାପ ଚାରି ଥର ପରିକ୍ରମା କରି ୧୦୦ ମିଟର ପହଁରିବାରେ ସଫଳ ହୋଇଥିଲେ।

ବେଦ ପରେଶ ତାଙ୍କ ଅଫିସିଆଲ ଇନଷ୍ଟାଗ୍ରାମରେ ତାଙ୍କ ପହଁରିବାର ଅନେକ ଭିଡିଓ ମଧ୍ୟ ଶେୟାର କରିଛନ୍ତି। ଏହି ଲେଖା ହେବା ପର୍ଯ୍ୟନ୍ତ, ତାଙ୍କର ୪,୮୦୦ରୁ ଅଧିକ ଇନଷ୍ଟାଗ୍ରାମ ଫଲୋଅର୍ସ ଅଛନ୍ତି ଏବଂ ତାଙ୍କର ପହଁରିବା ଭିଡିଓଗୁଡ଼ିକ ଏହି ଆକାଉଣ୍ଟରେ ନିୟମିତ ଭାବରେ ପୋଷ୍ଟ କରାଯାଏ।

ପୂର୍ବରୁ, ନଭେମ୍ବର ୨୦୨୫ରେ, ୧୦ ବର୍ଷୀୟ ଆନଭି ଶୈଳେଶ ଅଟଳ ସେତୁରୁ ଗେଟୱେ ଅଫ ଇଣ୍ଡିଆ ପର୍ଯ୍ୟନ୍ତ ଖୋଲା ଜଳରେ ୧୭ କିଲୋମିଟର ପହଁରିଥିଲେ। ସେ ଏପରି ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ ସମାପ୍ତ କରିବାରେ ଭାରତର ସବୁଠାରୁ କମ ବୟସ୍କ ପହଁରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଜଣେ ଥିଲେ। ଏହି ସଫଳତା ବିଶେଷ ଭାବରେ ସ୍ୱତନ୍ତ୍ର ଥିଲା କାରଣ ଆନଭି ତାଙ୍କ ୧୦ତମ ଜନ୍ମଦିନରେ ଏହି ସଫଳତା ହାସଲ କରିଥିଲେ।

## ମେସିଙ୍କ କୋଲକାତା ଇଭେଣ୍ଟ

# ଅଡୁଆରେ ପଡ଼ିଲେ ଅର୍ଗାନାଇଜର, ଗଠନ ହେଲା ତଦନ୍ତ କମିଟି

**କୋଲକାତା**

କୋଲକାତାରେ ଆର୍ଜେଣ୍ଟିନା ଫୁଟବଲ ତାରକା ଲିଓନେଲ ମେସିଙ୍କ କନସର୍ଟରେ ଘଟିଥିବା ବିଶାଳ ବିଶୃଙ୍ଖଳା ସମ୍ପର୍କରେ ପଶ୍ଚିମବଙ୍ଗ ଡିଜିପି ରାଜୀବ କୁମାର କହିଛନ୍ତି ଯେ କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ସତଦ୍ରୁ ଦତ୍ତଙ୍କୁ ପୋଲିସ ଅଟକ ରଖିଛି। ସଲ୍ଟ ଲେକ ଷ୍ଟାଡିୟମର ପରିସ୍ଥିତି ଏବେ ନିୟନ୍ତ୍ରଣରେ ଅଛି। ସେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କାର୍ଯ୍ୟକ୍ରମ ଆୟୋଜନକାରୀଙ୍କ ପକ୍ଷରୁ ଭୁଲ ପରିଚାଳନା ହୋଇଛି। ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ପାଇଁ ପୂର୍ବରୁ ଏକ କମିଟି ଗଠନ କରିଛନ୍ତି, ଯାହା ପରିସ୍ଥିତି ଉପରେ କଡ଼ା ନଜର ରଖିଛି।

ପଶ୍ଚିମବଙ୍ଗ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ (ଏଡିଜି) ଆଇନ ଏବଂ କ୍ରମ ଜାଭେଦ ଶାମିମ କହିଛନ୍ତି, 'ପରିସ୍ଥିତି ଏବେ ସ୍ୱାଭାବିକ। ଦ୍ୱିତୀୟ ଦିଗ ହେଉଛି ତଦନ୍ତ, ଯେଉଁଥିରେ ଏକ ଏଫଆଇଆର ଦାୟର କରାଯାଇଛି ଏବଂ ମୁଖ୍ୟ ଆୟୋଜକ ସତଦ୍ରୁ ଦତ୍ତଙ୍କୁ ଗିରଫ କରାଯାଇଛି। ଆୟୋଜକ ପ୍ରତିଶ୍ରୁତି ଦେଇଛନ୍ତି ଯେ ସେମାନେ ପ୍ରଶଂସକଙ୍କ ଟିକେଟ ଟଙ୍କା ଫେରସ୍ତ କରିବେ ଏବଂ ଆମେ ଦେଖିବୁ ଯେ ଏହା କିପରି କରାଯାଇପାରିବ।' ସେ କହିଛନ୍ତି, 'ସ୍ଥାନୀୟ ଅଞ୍ଚଳରେ ଟ୍ରାଫିକ ସ୍ୱାଭାବିକ ଅଛି। ଲୋକମାନେ ନିଜ ଘରକୁ ଫେରିଛନ୍ତି। ଏହା ଏକ ବଡ଼ ଘଟଣା ଯାହା ସଲ୍ଟ ଲେକ ଷ୍ଟାଡିୟମରେ ସୀମିତ ଥିଲା। ଆମେ ନିଷ୍ଠାର ସହିତ କାର୍ଯ୍ୟ କରୁଛୁ ଏବଂ ଆଜି ସଲ୍ଟ ଲେକ ଷ୍ଟାଡିୟମରେ ଯାହା ଘଟିଲା ସେଥିପାଇଁ ଦାୟୀ ଲୋକଙ୍କୁ ଦଣ୍ଡ ଦିଆଯିବ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ସୁନିଶ୍ଚିତ କରିବୁ।'



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଘଟଣା ଯୋଗୁ ହୋଇଥିବା ବିଶୃଙ୍ଖଳା ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି ଏବଂ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପୋଷ୍ଟରେ ସେ କହିଛନ୍ତି, 'ଆଜି ସଲ୍ଟ ଲେକ ଷ୍ଟାଡିୟମରେ ଦେଖାଯାଇଥିବା ବିଶୃଙ୍ଖଳା ଦେଖି ମୁଁ ଗଭୀର ଭାବରେ ବିଚଳିତ ଏବଂ ମର୍ମାହତ। ହଜାର ହଜାର କ୍ରୀଡା ପ୍ରେମୀ ଏବଂ ପ୍ରଶଂସକଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୁଁ ଷ୍ଟାଡିୟମକୁ ଯାଉଥିଲି ଯେଉଁମାନେ ସେମାନଙ୍କ ପ୍ରିୟ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ଏକ ଝଲକ ଦେଖିବାକୁ ସେଠାରେ ଏକାଠି ହୋଇଥିଲେ।'

ସେ ଆହୁରି ମଧ୍ୟ କହିଛନ୍ତି, 'ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ ମୁଁ ସମସ୍ତ କ୍ରୀଡା ପ୍ରେମୀ ଏବଂ ତାଙ୍କ ପ୍ରଶଂସକଙ୍କ ସହିତ ଲିଓନେଲ ମେସିଙ୍କୁ କ୍ଷମା ପ୍ରାର୍ଥନା କରୁଛି।'

ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଏକ୍ସ-ପୋଷ୍ଟରେ କହିଛନ୍ତି, 'ଆମେ ଅବସରପ୍ରାପ୍ତ ବିଚାରପତି ଅଶୀମ କୁମାର ରାୟଙ୍କ ନେତୃତ୍ୱରେ ଏକ ତଦନ୍ତ କମିଟି ଗଠନ କରୁଛି, ଯେଉଁଥିରେ ମୁଖ୍ୟ ସଚିବ ଏବଂ ଗୃହ ଏବଂ ପାହାଡ଼ ବ୍ୟାପାର ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଦସ୍ୟ ରହିବେ। ଏହି କମିଟି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ, ଦାୟିତ୍ୱ ନିର୍ଣ୍ଣୟ କରିବ ଏବଂ ଏପରି ଘଟଣା ପୁନରାବୃତ୍ତି ନହେବା ପାଇଁ ପଦକ୍ଷେପ ସୁପାରିଶ କରିବ।'

# ବୈଭବ ସୂର୍ଯ୍ୟବଂଶୀଙ୍କ ବଡ଼ ଘୋଷଣା



**ନୂଆଦିଲ୍ଲୀ**

ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ଅଣ୍ଡର ୧୯ ଏସିଆ କପର ପ୍ରଥମ ମ୍ୟାଚରେ ୟୁଏଇ ବିପକ୍ଷରେ ୧୭୧ ରନର ଏକ ଚମତ୍କାର ଇନିଂସ ଖେଳି ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସୂର୍ଯ୍ୟବଂଶୀ ତାଙ୍କ ବିସ୍ଫୋରକ ଇନିଂସରେ ୯୫ ବଲର ସାମ୍ନା କରି ୯ ଚୌକା ଏବଂ ୧୪ ଛକା ମାରିଥିଲେ। ଏବେ ବୈଭବ ପାକିସ୍ତାନ ବିପକ୍ଷରେ ଖେଳିବାକୁ ଯାଉଛନ୍ତି। ଡିସେମ୍ବର ୧୪ ରେ ଦୁବାଇରେ ଭାରତ ଅଣ୍ଡର ୧୯ ଏବଂ ପାକିସ୍ତାନ ଅଣ୍ଡର ୧୯ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାର ଅଛି। ସେହି ମ୍ୟାଚ୍ ପୂର୍ବରୁ, ବୈଭବ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି ଯାହା ପ୍ରଶଂସକଙ୍କ ମଧ୍ୟରେ ଦୃଷ୍ଟି ଆକର୍ଷଣ କରିଛି।

ପାକିସ୍ତାନ ବିପକ୍ଷ ମ୍ୟାଚ୍ ବିଷୟରେ ବୈଭବ କହିଛନ୍ତି, ମୁଁ ଏହି ମ୍ୟାଚ୍‌ରେ ବଡ଼ ସ୍କୋର କରିବାକୁ ଚେଷ୍ଟା କରିବି, କେବଳ ପାକିସ୍ତାନ ବିପକ୍ଷରେ ନୁହେଁ ବରଂ ଅନ୍ୟ ସମସ୍ତ ଦେଶ ବିପକ୍ଷରେ।

୧୭୧ ରନରେ ତାଙ୍କର ଆଉଟ ହେବା ବିଷୟରେ ବୈଭବ କହିଛନ୍ତି, ଯେତେବେଳେ ମୁଁ କ୍ରିଜରେ ଥିଲି, ମୋର ଏକମାତ୍ର ଲକ୍ଷ୍ୟ ଥିଲା ୧୦ ଓଭର ପାଇଁ ସେଠାରେ ରହିବା। ମୁଁ ଜାଣିଥିଲି ଯେ ଥରେ ମୁଁ କ୍ରିଜରେ ସମୟ ବିତାଇଲି, ରନ୍ ସ୍ୱୟଂଚାଳିତ ଭାବରେ ଆସିବ। ବୈଭବ ଏହା ମଧ୍ୟ କହିଛନ୍ତି, ମୁଁ ୩୦୦ ରନ ବିଷୟରେ ଚିନ୍ତା କରୁନଥିଲି, କିନ୍ତୁ ଯଦି ମୁଁ ଅଧିକ ସମୟ କ୍ରିଜରେ ରହିଥାନ୍ତି, ତେବେ ମୁଁ ନିଶ୍ଚିତ ଭାବରେ ଏକ ବଡ଼ ସ୍କୋର କରିଥାନ୍ତି।

# ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗବୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୁରଭଞ୍ଜ ଫାଉଣ୍ଡେସନ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନସ ରଗବୀ ଟୁର୍ଣ୍ଣାମେଣ୍ଟ ବାରିପଦା ଷ୍ଟାଡିୟମ ପଡିଆରେ ଉଦଘାଟିତ ହୋଇଯାଇଛି। ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, କଳିଙ୍ଗ ରଗବୀ ଟିମ, ଫ୍ୟୁଚର ହୋପ ହାର୍ଲିକିନ କୋଲକାତା, ଫ୍ୟୁଚର ହୋପ ଯାକେଲ କୋଲକାତା, କୋଲକାତା ପୋଲିସ, ତାମିଲନାଡୁ ପୋଲିସ, ଝାଡ଼ଖଣ୍ଡ ହାକ୍ସ, ଦିଲ୍ଲୀ ହରିକେନ୍ସ ଓ ମୁମ୍ବାଇ ମାଜିସିଆନ ସମେତ ୯ଟି ଏବଂ ମହିଳା ବିଭାଗରେ ଫ୍ୟୁଚର ହୋପ, କୋଲକାତା ପୋଲିସ, କଳିଙ୍ଗ ରଗବୀ, ସରସ୍ୱତୀପୁର ସିଲିଗୁରି, ଆସାମ, ବାରିପଦା, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ସମେତ ୬ ଟି ଦଳ ଅଂଶଗ୍ରହଣ କରିଛନ୍ତି। ଉଦଘାଟନୀ ଦିବସରେ ଉଭୟ ପୁରୁଷ ଓ ମହିଳା ବିଭାଗର ମୋଟ ୨୦ ଟି ମ୍ୟାଚ୍ ଖେଳାଯାଇଥିଲା। ଆସନ୍ତାକାଲି ପୁରୁଷ ବିଭାଗରେ ୧ମ ସେମି-ଫାଇନଲ ମ୍ୟାଚ ଦିଲ୍ଲୀର ଫ୍ୟୁଚର ହୋପ୍ ହରକ୍ଲିନ୍ସ ଓ ମୁମ୍ବାଇ ମେଜିସିଆନ ଏବଂ ୨ୟ ସେମି-ଫାଇନାଲ ମ୍ୟାଚ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ ଦିଲ୍ଲୀ ହରିକେନ୍ସ ମଧ୍ୟରେ ଖେଳାଯିବ। ମହିଳା ବିଭାଗରେ ପ୍ରଥମ ସେମି-ଫାଇନାଲ ମ୍ୟାଚ କୋଲକାତାର ଫ୍ୟୁଚର ହୋପ ହରିକେନ୍ସ ଓ ସିଲିଗୁଡ଼ିର ସରସ୍ୱତୀପୁର ଲେପୋର୍ଡ଼ ମଧ୍ୟରେ ଏବଂ ୨ୟ ସେମି-ଫାଇନାଲ ମ୍ୟାଚ ବାରିପଦାର ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀ ଓ କୋଲକତା ପୋଲିସ ମଧ୍ୟରେ ଖେଳାଯିବ ବୋଲି ସହ ଆୟୋଜକ ଦିବ୍ୟରଞ୍ଜନ ଦାସ ଜଣାଇଛନ୍ତି। ଉଦଘାଟନୀ ଉତ୍ସବରେ ଫାଉଣ୍ଡେସନର ଅଧ୍ୟକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅତିଥି ଭାବେ ଯୋଗଦେଇ ବାରିପଦା ବିଧାୟକ ପ୍ରକାଶ ସୋରେନ, ଜିଲ୍ଲାପାଳ ହେମକାନ୍ତ ସଞ୍ଜୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ବାରିପଦା ଉପ ଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ଓ ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ।

# କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କଲେ ଜିଲ୍ଲାପାଳ ଓ ଏସପି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଶନିବାର ଠାରୁ ଆରମ୍ଭ ହୋଇଥିବା ଦୁଇ ଦିନଆ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ଓ ଏସପି। ପ୍ରଥମେ ସକାଳ ୭.୩୦ରେ ମା ସୁରେଶ୍ୱରୀ ମନ୍ଦିରରେ ପୂଜା ଅର୍ଚ୍ଚନା ପରେ ଜିଲ୍ଲା କ୍ରୀଡ଼ା ସଂଘ ଓ ଖେଳାଳୀଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଗାନ୍ଧୀ ଷ୍ଟାଡିୟମ୍‌ରେ ୧୦.୩୦ରେ ପହଞ୍ଚିବା ପରେ କ୍ରୀଡା ସଂଘ ସଭାପତି ତଥା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଏସପି ନାରାୟଣ ନାଏକ ମା ସୁରେଶ୍ୱରୀଙ୍କ ଠାରେ ପୂଜା ଅର୍ଚ୍ଚନା କରି କ୍ରୀଡା ସଂଘର ପତାକା ଉତ୍ତୋଳନ କରି ଶୋଭାଯାତ୍ରାର ମଶାଲକୁ ଗାନ୍ଧୀ ପଡିଆରେ ସ୍ଥାପନ କରି ଉତ୍ସବ ଆରମ୍ଭ ଘୋଷଣା କରିଥିଲେ। ଖେଳ ୧୧ ଟାରେ ୮୦୦ ମିଟର ଦୌଡ ପ୍ରତିଯୋଗୀତା କୁ ଶୁଭାରମ୍ଭ କରି ପ୍ରତିଯୋଗିତାକୁ ଉତ୍କଣ୍ଠାର ସହ ଉପଭୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଓ ଏସପି ପୁରସ୍କୃତ କରିଥିଲେ।ଏହି ଉତ୍ସବରେ କ୍ରୀଡା ସଂଘ ଉପ ସଭାପତି ଚିତ୍ତରଞ୍ଜନ ତରାସିଆ ସଭା ପରିଚାଳନା କରି ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର, ସଂଘ ଉପଦେଷ୍ଟା କଇରୁ ସ୍ୱାଇଁ, ପୌର ଉପାଧ୍ୟକ୍ଷା ମଲ୍ଲିକା ଦାନି, ସଂଘର ବରିଷ୍ଠ ସଦସ୍ୟ ଗଣେଶ ରାମ୍ ମେହେର, ଦିଗମ୍ବର ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ସହ ସମ୍ପାଦକ ତଥା ଆଇନଜୀବୀ ନନ୍ଦ କିଶୋର ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ବି.ସତ୍ୟ ନାରାୟଣ ରାଓ, କମଳାକାନ୍ତ ସାହୁ, କ୍ରୀଡ଼ା ସଂଘ କୋଷାଧକ୍ଷ ସୁବାଷ ବିଶ୍ୱାଳ, କୋଚ କଲିମ୍ ମହମ୍ମଦ, ବିକାଶ ପଣ୍ଡା, ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ବିକାଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତା ଗୁଡିକରେ ୟୁ-୧୬-ବାଳକ ପୁଟିଂ ସଟରେ ରୋମ୍ୟ ତଣ୍ଡିଆ ପ୍ରଥମ, ନିହାର ପରିଡା ଦ୍ୱିତୀୟ, ଅଜିତ ମହାକୁର ତୃତୀୟ, ୟୁ-୨୦ ଡିସ୍କସ ଫିଙ୍ଗାବକ୍ଷଳକ ବର୍ଗରେ ସୌମ୍ୟଶିଷ ସ୍ୱର୍ଣ, ଆଦର୍ଶ ରୌପ୍ୟ, ମାନସ ବ୍ରୋଞ୍ଜ ମେଡାଲ ହାସଲ କରିଥିବା ବେଳେ ୟୁ-୧୪ ବାଳକ ବର୍ଗରେ ହର୍ଷିତା ଗିରି ସ୍ୱର୍ଣ, ସରସ୍ୱତୀ ଦ୍ୱିତୀୟ ଓ ସମୀକ୍ଷକ ତୃତୀୟ ହୋଇଥିଲେ। ଡିସ୍କସ ୟୁ-୨୦ ବାଳିକାରେ ଝୁମା ପ୍ରଥମ, ସ୍ମୃତି ଦ୍ୱିତୀୟ ଚିନୁ ତୃତୀୟ, ୟୁ-୧୬ ଡିସ୍କସ ଫିଙ୍ଗା ବାଳିକାରେ ଖୁସି, ଲୋପାମୁଦ୍ରା ରାକ୍ଷୀ ବିଜୟୀ ହୋଇଥିଲେ। ୪୦୦ ମିଟର ପୁରୁଷ ବର୍ଗରେ ଦିଲେଶ୍ୱର ବାଘ ସ୍ୱର୍ଣ, ଆଶିଷ ବୁଡ଼ ରୌପ୍ୟ, ପ୍ରମିତା କାଂସ୍ୟ ପଦକ ହାସଲ କରିଥିଲେ। ରେକର୍ଡ ସଂଖ୍ୟା ୧୨୭୫ ଜଣ ପ୍ରତିଯୋଗି ଏହି ଖେଳକୁଦ ପ୍ରତିଯୋଗିତା ରେ ଭାଗ ନେଇଥିବା ଜଣାଯାଇଛି। ୟୁ-୧୪, ୟୁ-୧୬, ୟୁ-୧୮, ୟୁ-୨୦, ୟୁ-୨୩, ର ବାଳକ ଓ ବାଳିକା ବର୍ଗ ଏବଂ ପୁରୁଷ ଓ ମହିଳା ବର୍ଗ ପାଇଁ ଅନୁଷ୍ଠିତ ହେଉଛି। ଶନିବାର ମୋଟ ୪୧ ଟି ଇଭେଣ୍ଟ ପାଇଁ ଉଭୟ ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲଙ୍ଗଜମ୍ପ, ହାଇ ଜମ୍ପ, ୧୫୦୦, ୪୦୦, ୮୦୦, ୧୦୦, ମିଟର ଦୌଡ, ଡିସ୍କସ, ସଟ ପୁଟ, ଜାଭେଲିନ ଫିଙ୍ଗା, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




# ୧୫ରେ ମୟୁରଭଞ୍ଜ ଜିଲ୍ଲା ଭଲିବଲ ଚୟନ ପ୍ରତିଯୋଗିତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବନାରସ ଠାରେ ଅନୁଷ୍ଠିତ ହେବାକୁ ଥିବା ୭୨ ତମ ଉଭୟ ପୁରୁଷ ଓ ମହିଳା ଜାତୀୟ ଭଲିବଲ ଚମ୍ପିୟାନସିପ ଅବସରରେ ଚଳିତ ମାସ ୧୬ ଓ ୧୭ ତାରିଖରେ କିଟ, ଭୁବନେଶ୍ୱରରେ ରାଜ୍ୟ ଭଲିବଲ ଦଳ ପାଇଁ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ମୟୁରଭଞ୍ଜ ଜିଲ୍ଲାରୁ ଉଭୟ ବିଭାଗରୁ ୫ ଜଣ ଲେଖାଏଁ ଖେଳାଳି ପାଇଁ ଚୟନ ପ୍ରତିଯୋଗିତା ୧୫ ତାରିଖରେ ଅନୁଷ୍ଠିତ ହେବ ବୋଲି ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଇଚ୍ଛୁକ ଖେଳାଳି ଉକ୍ତ ଦିନ ସକାଳ ୧୦ଟାରେ ବାରିପଦା ଷ୍ଟାଡିୟମ ଅଫିସରେ ନାମ ପଞ୍ଜିକରଣ କରିବା ସହ ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି।

# ୧୪ ବର୍ଷରୁ କମ୍ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଗ୍ରୀନ୍ସ କ୍ରିକେଟ୍ କ୍ଲବ ବିଜୟୀ

## ଅଧିନାୟକ ସରୋଜ ରଣାଙ୍କ ଧୂଆଁଧାର ଅର୍ଦ୍ଧଶତକ ଇନିଂସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଗାଡକଣ ପଡିଆରେ ଶନିବାର ୧୪ବର୍ଷରୁ କମ୍ ଆୟୋଜିତ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭୁବନେଶ୍ୱରର ଟାଉନ୍ କ୍ଲବ ଓ ଗ୍ରୀନ୍ସ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଟାଉନ୍ କ୍ଲବକୁ ୭୨ରେ ପରାସ୍ତ କରିଛି ଟିମ୍ ଗ୍ରୀନ୍ସ କ୍ଲବ। ଗ୍ରୀନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୫ ଓଭରରେ ଅଧିନାୟକ ସରୋଜ ରଣାଙ୍କ ୪୩ ବଲ୍‌ରେ ଧୂଆଁଧାର ୬୦ରନ୍, ସୁରିୟାଂଶୁ ରାଉତଙ୍କ ୪୫ ବଲ୍‌ରେ ୪୮, ରୁଦ୍ରସାଇ ନାୟକ ୨୫ ବଲ୍‌ରେ ୨୯ ଏବଂ ଜେମ୍ସ ଲିମା ୩୨ ବଲ୍‌ରେ ୨୬ ରନ୍ ବଳରେ ୮ ୱିକେଟ୍ ହରାଇ ୨୩୨ ରନ୍‌ର ବିଶାଳ ସ୍କୋର କରିପାରିଥିଲେ। ଟାଉନ୍ କ୍ଲବର ରୋହନ ୩ଟି, ରାଜଦୀପ୍ ୨ଟି ଏବଂ ରକି ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ। ୨୩୩ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇ ଥିଲା ଟାଉନ୍‌କ୍ଲବ। ରାଜଦୀପ ୫୬, ରକି ୩୩ କୁ ଛାଡିଦେଲେ ଅନ୍ୟ କୌଣସି ଖେଳାଳି ଭଲ ପ୍ରଦର୍ଶନ କରିନପାରି ୩୪.୧ ଓଭରରେ ମାତ୍ର ୧୬୦ ରନ୍ କରି ଅଲଆଉଟ୍ ହୋଯାଇଥିଲେ। ଗ୍ରୀନ୍ସର ଜେମ୍ସ ଲିମା ୪ଟି, ସୁରିୟାଂଶୁ ୩ଟି ଏବଂ ସଚିନ ଗୋଟିଏ ୱିକେଟ୍ ହାସଲ କରିଥିଲେ। ଅଲରାଉଣ୍ଡର ପ୍ରଦର୍ଶନ ପାଇଁ ସୁରିୟାଂଶୁ ରାଉତଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ବାୟୋ ମେଡିକାଲ ଆବର୍ଜନାର ସୁପରିଚାଳନା ଉପରେ ଗୁରୁତ୍ୱ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ବାୟୋ ମେଡିକାଲ ଆବର୍ଜନାର ସୁପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ ପରିବେଶ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ରଘୁରାମ ଆର ଆୟର ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମନୋରଞ୍ଜନ ରାଉତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଗୌରାଙ୍ଗ ଚରଣ ଗିରି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ସଚ୍ଚିଦାନନ୍ଦ ମିଶ୍ର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପରିବେଶ ବିଜ୍ଞାନୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ନିର୍ବାହ ଅଧିକାରୀ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇର ଅଜିତ ନାରାୟଣ ଗିରି ଏବଂ ରଞ୍ଜନ କୁମାର ଦାସ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀଙ୍କ ସମେତ ଜିଲ୍ଲାର ସମସ୍ତ ଘରୋଇ ଚିକିତ୍ସାଳୟ, ନର୍ସିଂ ହୋମ ଏବଂ ପାଥଲେବର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆବର୍ଜନା ଗୁଡିକର ବିଭକ୍ତ, ସଂଗ୍ରହ, ପରିବହନ ଇତ୍ୟାଦି କିପରି ସଠିକ ଭାବେ ହେଇପାରିବ ସେ ବିଷୟରେ ବୈଠକରେ ସମସ୍ତ ଘରୋଇ ଚିକିତ୍ସାଳୟ, ନର୍ସିଂ ହୋମ ଏବଂ ପାଥୋଲ୍ୟାବରୁ ଆସିଥିବା କର୍ମଚାରୀଙ୍କୁ ଅବଗତ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସମସ୍ତ ନିୟମ ନର୍ସିଂ ହୋମ ସମସ୍ତ ନିୟମକୁ ମାନି ଘରୋଇ ନର୍ସିଂହୋମ ଏବଂ ପାଥୋଲ୍ୟାବ ଗୁଡିକ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ନିୟମ ଖିଲାପ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।



# ସର୍ବଭାରତୀୟ ଟି - ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନ : ଫାଇନାଲରେ କୋଲକାତା ଓ ରାଉରକେଲା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପ୍ରଫୁଲ୍ଲନଗର ସ୍ଥିତ ଲେଟ କଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି - ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟର ୪ର୍ଥ ଦିନର ୧ମ ସେମିଫାଇନାଲ ମ୍ୟାଚରେ କୋଲକାତାର ଏଲ ଆର ଏସ ଟିମ ୫ ୱିକେଟରେ ଭୁବନେଶ୍ୱରର ଏଲ ଆର ଏସ ଟିମକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱରର ଟି ସି ସି ଟିମ ୨୦ ଓଭରରେ ୯ ୱିକେଟ ହରାଇ ୧୬୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ବିନୟ ପାଇକରାୟ ୮୦, ଓ ରାମଚନ୍ଦ୍ର ବେହେରା ୨୯ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଆକାଶ ଘାତକ, ଅର୍କ ସରକାର, ରିଶବ ଚୌଧୁରୀ ଓ ଅଖିଳେଶ ଯାଦବ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ କୋଲକାତାର ଏଲ ଆର ଏସ ଟିମ ୧୫.୪ ଓଭରରେ ୫ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ରୋହନ ରାଠୀ ୫୨, ଅଶ୍ୱିନୀ ଖଟେଲ ୩୮ ଓ ରିଶବ ଚୌଧୁରୀ ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ବାସୁକୀନାଥ ତିୱାରୀ ୨ଟି ୱିକେଟ ଅକ୍ତିଆର କରିଥିଲେ। ରିଶବ ଚୌଧୁରୀ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୋଗଦେଇ ୨୫ ନଂ ୱାର୍ଡ କାଉନସିଲର ଦେବାଶିଷ ପାତ୍ର, ଶ୍ରୀକାନ୍ତ ବେହେରା ତଥା ଦିପ୍ତେଶ ତ୍ରିପାଠୀ ଏହି ମ୍ୟାଚକୁ ଉଦଘାଟନ କରିବା ସହ ଖେଳାଳି ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ, ସମ୍ପାଦକ ଦୀପକ କୁମାର ଦାଶ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ସମରଜିତ ଗୋସ୍ୱାମୀ, ଅଜୟ ସିଂ ଉପସ୍ଥିତ ଥିଲେ। ୨ୟ ସେମିଫାଇନାଲରେ ମ୍ୟାଚରେ ରାଉରକେଲା ୭ ରନରେ ସମ୍ବଲପୁରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ରାଉରକେଲା ଟିମ ୨୦ ଓଭରରେ ୮ ୱିକେଟ ହରାଇ ୧୫୬ ରନ ସଂଗ୍ରହ କରିଥିଲେ ଓ ଦଳ ପକ୍ଷରୁ ଦୀପକ ମହାତ ୮୪ ଅମନ ଯାଦବ ୨୩ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ଟିଟୁ ଓ ଦିନା ଦାସ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଉତ୍ତରରେ ସମ୍ବଲପୁର ୧୭.୫ ଓଭରରେ ସମସ୍ତ ୱିକେଟ ହରାଇ ୧୪୯ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ଅରବିନ୍ଦ ସିଂହ ୪୬ ଓ ବିବେକ କୁମାର ୩୮ ରନ କରିଥିବା ବେଳେ ବିପକ୍ଷ ଦଳର ସ୍ୱପ ଭୂୟାଁ ୪, ଗୌତମ ସୁନା ୩ ଓ ଅଙ୍କିତ କର ଜୈଶ୍ୱାଲ ୨ ଟି ୱିକେଟ ଅକ୍ତିଆର କରିଥିଲେ। ଦୀପକ ମହାତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ଯୋଗଦେଇ ଯୁବ ସମାଜସେବୀ କାଶୀନାଥ ରଣା ଓ ନରୋତ୍ତମ ମହାନ୍ତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ସମରପ୍ରୀତ ପ୍ରଧାନ, ବିଶ୍ୱମ୍ବର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଙ୍ଗରେ ସହାୟତା କରିଥିଲେ ଓ ସୁରେଶ ସାଣ୍ଡିଲ, ବୁବୁ ସିନ୍‌ହା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ। ରବିବାର ଦିନ କୋଲକାତା ଓ ରାଉରକେଲା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।



# ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଅଷ୍ଟାଦଶ ବାର୍ଷିକ କ୍ରୀଡା



**କଟକ, ନ୍ୟୁଜ୍‌ବ୍ୟୁରୋ**

ମାଛୁଆ ବଜାର ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଅଷ୍ଟାଦଶ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ମାଙ୍ଗଳିକ କାର୍ଯ୍ୟରେ ସଭାପତି ଶିବ ହାତୀଙ୍କ ସଭାପତିତ୍ୱରେ ଉଦଘାଟକ ପରୀକ୍ଷିତ ମହାରଣା, ମୁଖ୍ୟ ଅତିଥି ଲୋକନାଥ ପ୍ରସାଦ କମିଲା, ସମ୍ମାନିତ ଅତିଥି ବସନ୍ତ କୁମାର ମହାପାତ୍ର ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମନୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ ଏବଂ ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଆଚାର୍ଯ୍ୟା ରଶ୍ମିତା ସୁତାର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ ୪୦ ବିଭାଗର କ୍ରୀଡା ଅନୁଷ୍ଠିତ ହୋଇଯାଇଛି, ୧୨୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ମୋଟ ୩୮ ଜଣ ଛାତ୍ରଛାତ୍ରୀ ପୁରସ୍କୃତ ହେବା ପାଇଁ ମନୋନୀତ ହୋଇଛନ୍ତି। ସହକାରୀ ଆଚାର୍ଯ୍ୟା ଲୋପାନୀ ସାହୁ, ନମିତା କୁମାରୀ ବେହେରା, ସୋନାଲିଶା ବାରିକ, ସଙ୍ଗୀତା ବେହେରା, ଜୟନ୍ତୀ ସାହୁ, ପ୍ରିୟଙ୍କା ସାହୁ, ମଧୁସ୍ମିତା ସାହୁ ଓ ସେବିକା ଜୟନ୍ତୀ ସାହୁ, ଉକ୍ତ କାର୍ଯ୍ୟକ୍ରମକୁ ନିଷ୍ଠାର ସହ ସମ୍ପାଦନ କରିଥିଲେ।







ଭୁବନେଶ୍ୱର : 'ଶତଦ୍ରୁ'ର ୪୧ତମ ପୂର୍ତ୍ତି ଉତ୍ସବ ଅବସରରେ ଚିତ୍ରକଳା ନାୟକ ସ୍ମୃତି ସମ୍ମାନ-୨୦୨୫ରେ ସମ୍ମାନିତ ହେଉଛନ୍ତି ଡ. ଅର୍ଚ୍ଚନା ନାୟକ।



'ଶତଦ୍ରୁ' କବିତା ସମ୍ମାନ-୨୦୨୪ରେ ସମ୍ମାନିତ ହେଉଛନ୍ତି ଡ. ରବିନାରାୟଣ ସେନାପତି।



'ଶତଦ୍ରୁ' ପ୍ରବନ୍ଧ ସମ୍ମାନ-୨୦୨୪ରେ ସମ୍ମାନିତ ହେଉଛନ୍ତି ଡ. ବିଜୟାନନ୍ଦ ସିଂହ। (ଫଟୋ : ସମ୍ବାଦ କଳିକା)

# ମହାନଦୀ ସଂକଟର ସମାଧାନ କେବେ, ରାଜ୍ୟ ସରକାର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାନଦୀ ହେଉଛି ଓଡିଶାର ଜୀବନ ସ୍ରୋତ । ଗତ କିଛି ଦଶନ୍ଧି ହେଲା ଓଡିଶାବାସୀଙ୍କ ମା ସମାନ ମହାନଦୀର ଜୀବନସ୍ରୋତକୁ ସଂକୁଚିତ କରି ମା'କୁ ବିକଳାଙ୍ଗ କରିଦେବାର ହୀନ ଚକ୍ରାନ୍ତ ସମଗ୍ର ଓଡିଶାବାସୀଙ୍କ ପାଇଁ ବେଦନା ଦାୟକ ହୋଇପଡିଛି ବୋଲି ବିଜେଡିର ବରିଷ୍ଠ ନେତା ତଥା ବିରୋଧୀ ଦଳର ଉପନେତା ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି । ଏହାର ଆର୍ତ୍ତ ଚିତ୍କାର ନା କେନ୍ଦ୍ର ସରକାର ଶୁଣୁଛନ୍ତି ନା ଛତିଶଗଡ ସରକାର। ଓଡିଶା ରାଜ୍ୟର ବିନା ସହମତିରେ ଆନ୍ତଃରାଜ୍ୟ ନଦୀ ଜଳ ସଂପର୍କିତ ସମସ୍ତ ବିଧି ବିଧାନକୁ ବେଖାତିର କରି ଛତିଶଗଡ ରାଜ୍ୟ ସରକାର ମହାନଦୀ ଉପରେ ଅତ୍ୟାଚାର କରୁଛନ୍ତି ଏବଂ କେନ୍ଦ୍ର ସରକାର ଶୁଣି ସାକ୍ଷୀ ମାତାଲ ଭଳି ନୀରବ ଦ୍ରଷ୍ଟା ସାଜିଛନ୍ତି ।

ଶ୍ରୀ ଆଚାର୍ଯ୍ୟ କହିଥିଲେ ଯେ, ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ ପରେ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳସ୍ରୋତକୁ ମନଇଛା ନିଜ ଅଧିନରେ ରଖି ଓଡିଶାରେ ମହାନଦୀର ଧାରାକୁ ଶୁଷ୍କ ଓ ନିରସ ରଖିଥିବା ଛତିଶଗଡ ସରକାରଙ୍କ ମନମୁଖି କାର୍ଯ୍ୟ ଓଡିଶାର ଦାରୁଣ କ୍ଷତି ଘଟାଉଛି । ତଦାନ୍ତିତ ରାଜ୍ୟ ସରକାରଙ୍କ ସକଳ ଅନୁରୋଧ ଓ ଆବେଦନ ଛତିଶଗଡ ସରକାର ତ ଶୁଣିଲେ ନାହିଁ, କେନ୍ଦ୍ର ସରକାର ଓ କେନ୍ଦ୍ର ଜଳ ଆୟୋଗ ମଧ୍ୟ ନୀରବ ଦ୍ରଷ୍ଟା ସାଜିଲେ । ଜଳସେଚନର ଦ୍ୱାହି ଦେଇ ଛତିଶଗଡ ସରକାର ମହାନଦୀର ଉପର ମୁଣ୍ଡର କୂଳେ କୂଳେ ଅଗଣିତ ଘରୋଇ ଶିଳ୍ପ ମାନଙ୍କୁ ଅଜସ୍ର ଜଳ ପ୍ରଦାନ କରି ଓଡିଶାର ମହାନଦୀର ତଳ ମୁଣ୍ଡରେ ଜଳ ସଂକଟ ସୃଷ୍ଟି କଲେ। ଓଡିଶା ଯେଉଁ ମହାନଦୀ ଦିନେ ବର୍ଷତମାମ ଚଳଚଞ୍ଚଳ ଓ ଜଳ ପରିପୂର୍ଣ୍ଣ ରହୁଥିଲା ତାହା ଆଜି ଶୁଷ୍କ ଓ ରୁଗ୍ଣ ହେବାକୁ ଯାଉଛି । ଏହି ପ୍ରକ୍ରିୟା ଜାରି ରହିଲେ ହୀରାକୁଦ ଜଳଭଣ୍ଡାର ଦିନେ ଜଳଶୂନ୍ୟ ହେବ ଓ ଅନିଶ୍ଚିତ ସଂକଟ ଭିତରକୁ ଠେଲି ହୋଇଯିବ। ଶ୍ରୀ ଆଚାର୍ଯ୍ୟ ଆହୁରି କହିଥିଲେ ଯେ, କେନ୍ଦ୍ର, ଛତିଶଗଡ ଓ ଓଡିଶାରେ ବର୍ତ୍ତମାନ ଗୋଟିଏ ଦଳର ସରକାର ଥିବାରୁ ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି ଲୋକେ ଆଶା ରଖିଥିଲେ, କିନ୍ତୁ ତାହା ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଆକାଶ କଇଁଆ ଚିଲିକା ମାଛରେ ପରିଣତ ହୋଇଛି । ରାଜ୍ୟ ସରକାର କେବଳ କମିଟି ପରେ କମିଟି ଗଠନ କରୁଛନ୍ତି, କିନ୍ତୁ ଫଳ ଶୂନ । ମହାନଦୀ ଜଳ ବିବାଦର ମାମଲା ଟ୍ରିବ୍ୟୁନାଲରେ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପଡି ରହିଥିଲେ ସୁଦ୍ଧା କେବଳ ତାରିଖ ପରେ ତାରିଖ ଗଡୁଛି ଓ ରାଜ୍ୟ ରାଜକୋଷରୁ କୋଟି କୋଟି ଖର୍ଚ୍ଚ ହେଉଛି, କିନ୍ତୁ ପ୍ରଗତି ଅତ୍ୟନ୍ତ ନୈରାଶ୍ୟଜନକ । ଆଉ କେତେ ଦିନ ଲାଗିବ ଈଶ୍ୱର ହିଁ ଜାଣନ୍ତି।

ବର୍ତ୍ତମାନ ରାଜ୍ୟ ସରକାର ଆପୋଷ ସମାଧାନର ପ୍ରସ୍ତାବନା କରିଛନ୍ତି, ଓଡିଶାବାସୀ ଜାଣିବା ପାଇଁ ଚାହାନ୍ତି। ଆପୋଷ ସମାଧାନ ପାଇଁ ଆଲୋଚନାର ସର୍ତ୍ତାବଳୀ କ'ଣ କ'ଣ ରହିବ? ସରକାର ଟ୍ରିବ୍ୟୁନାଲରୁ ଓହରିଯିବେ କି? ରାଜ୍ୟ ସରକାର ଆପୋଷ ସମାଧାନକୁ ଯିବା ପୂର୍ବରୁ ରାଜ୍ୟର ସମସ୍ତ ପ୍ରମୁଖ ରାଜନୈତିକ ଦଳ ଓ ମହାନଦୀ ବଞ୍ଚାଅ ଆନେ୍ଦାଳନର ସଂଗଠନମାନଙ୍କୁ ବିଶ୍ୱାସକୁ ନେଇ ତାଙ୍କ ସହ ଆଲୋଚନା କରିବେ କି? ଛତିଶଗଡ ସରକାର ଏବେ ସୁଦ୍ଧା ଚାଲୁ ରଖିଥିବା ମହାନଦୀ ଓ ତାର ଶାଖା ନଦୀମାନଙ୍କରେ ନିର୍ମାଣାଧୀନ ଆନିକଟ କାର୍ଯ୍ୟକୁ ଆପୋଷ ଆଲୋଚନାରେ ବନ୍ଦ କରିବେ କି? ମହାନଦୀ ଟ୍ରିବ୍ୟୁନାଲର ଦୈନନ୍ଦିନ କାର୍ଯ୍ୟ ବସ୍ତୁତ ବନ୍ଦ ରହିଥିବାରୁ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିବେ କି? ରାଜ୍ୟବାସୀ ଟ୍ରିପଲ ଇଞ୍ଜିନ ସରକାରଙ୍କ ଠାରୁ ଏ ସମସ୍ତ ବିଷୟରେ ସ୍ପଷ୍ଟୀକରଣ ଆଶା ରଖିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

# ନୂଆଗାଁରେ ଉତ୍କଳ ଆଲୁମିନା ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**କାଶୀପୁର, ନ୍ୟୁଜ ବ୍ୟୁରୋ**



ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡା ସ୍ଥିତ ଉତ୍କଳ ଆଲୁମିନା, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିର କାଶୀପୁର ବ୍ଲକ ଅନ୍ତର୍ଗତ ନୂଆଗାଁ ଠାରେ ବାଫ୍ଲିମାଳି ଖଣି ସିଏସଆର୍ ତରଫରୁ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମେତ ଉତ୍କଳ ଆଲୁମିନା ୟୁନିଟ୍ ମୁଖ୍ୟ ରବି ନାରାୟଣ ମିଶ୍ର, କର୍ପୋରେଟ ଅଫେୟାର ବିଭାଗ ଏଭିପି ସୁପର୍ଣ୍ଣା ନନ୍ଦ, ବାଫ୍ଲିମାଳି ଖଣି ମୁଖ୍ୟ ବିଜୟ ଚୌହାନ, ଉତ୍କଳ ହସ୍ପିଟାଲ ସିଏମଓ ଡ଼ ରାଜେନ୍ଦ୍ର ଲେଙ୍କା, ନୂଆପଡ଼ା ଉତ୍କଳ ଚିକିତ୍ସାଳୟ ମୁଖ୍ୟ ଡ. ରାଜେନ୍ଦ୍ର ମଣ୍ଡଳ ଓ ଖଣି ସିଏସଆର୍ ମୁଖ୍ୟ ମନୋଜ ଦାସ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଏହାକୁ ଉଦଘାଟନ କରିଥିଲେ। ଉକ୍ତ ଶିବିରରେ ନୂଆଗାଁ ପର୍ଶ୍ୱସ୍ଥ ମାଇକାଞ୍ଚ, କୋଡ଼ିପାରି ପଂଚାୟତର ୩୯ ଗୋଟି ଗ୍ରାମବାସୀ ଓ ଦୁଇ ଗୋଟି ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏହି ଶିବିରରେ ଔଷଧ, ଚର୍ମ, ଶିଶୁ ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେମାନଙ୍କୁ ମାଗଣା ଔଷଧ ବିତରଣ ଓ ଅଧିକ ଚିକିତ୍ସା ଆବଶ୍ୟକ ସ୍ଥଳେ ପରାମର୍ଶ ପ୍ରଦାନ କରିଥିଲେ। ନୂଆଗାଁ ତଥା ଏହାର ଆଖପାଖ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟସେବା ନିମିତ୍ତ ଚିକିତ୍ସାଳୟ ନଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ନପାଇବାରୁ ଲୋକେ ବିଭିନ୍ନ ସମୟରେ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ଶଯ୍ୟାଶାୟୀ ହୋଇଥାନ୍ତି। ସମ୍ପ୍ରତି ସମସ୍ୟା ସକାଶେ ଉତ୍କଳ ଆଲୁମିନା ପକ୍ଷରୁ ପଦକ୍ଷେପ ସ୍ୱରୂପ ଏହି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଅଛି। ବିଶେଷଜ୍ଞ ଡାକ୍ତର ଏହି ଶିବିରରେ ଯୋଗଦେଇ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପରାମର୍ଶ ଦେବା ସହିତ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ତେବେ ଉତ୍କଳ ଆଲୁମିନା ପକ୍ଷରୁ ଏପରି ପଦକ୍ଷେପ ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଅଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ପ୍ରକଳ୍ପ ମୁଖ୍ୟ ଏମ ଦେବୀ ପ୍ରିୟା, ନିରୁପମା ବାରିକ, ଦିଲ୍ଲୀପ ନାଏକ ଓ ପୂର୍ଣ୍ଣରଉଥାନ ପ୍ରକଳ୍ପର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବ ଭାରତର...

ଉପରେ ରାଜ୍ୟପାଳ ଆଲୋକପାତ କରି ରାଜ୍ୟର ଅନ୍ତର୍ନିହିତ ଶକ୍ତି, ଏହାର ପ୍ରଚୁର ପ୍ରାକୃତିକ ସମ୍ପଦ, ସୁଦୀର୍ଘ ଉପକୂଳ, ଦକ୍ଷ କର୍ମଚାରୀ, ସ୍ଥିର ଶାସନ ଢାଞ୍ଚା ଏବଂ ଦୃଢ଼ ଓ ସ୍ୱତନ୍ତ୍ର ସାଂସ୍କୃତିକ ପରିଚୟ ଉପରେ ଅବତାରଣା କରିଥିଲେ। ରାଜ୍ୟପାଳ ଉଲ୍ଲେଖ କରିଥିଲେ ଯେ, ଓଡ଼ିଶାର ସାମ୍ପ୍ରତିକ ପଦକ୍ଷେପଗୁଡ଼ିକ ଯଥା- ସେମିକଣ୍ଡକ୍ଟର ଇକୋସିଷ୍ଟମରେ ପ୍ରବେଶ, ରେଳ ଏବଂ ବନ୍ଦର ଓ ବିମାନ ବନ୍ଦର ଭିତ୍ତିଭୂମିର ପ୍ରସାର, ସବୁଜ ହାଇଡ୍ରୋଜେନ୍ ଜୋନ୍‌ର ବିକାଶ ଏବଂ ବ୍ୟାପକ ଭାବେ ପର୍ଯ୍ୟଟନ ଏବଂ ଐତିହ୍ୟ ପ୍ରକଳ୍ପର ନିରନ୍ତର ଅଭିବୃଦ୍ଧି ବିକାଶର ପ୍ରମୁଖ ବାହକ ସାଜିଛି ।

ଓଡ଼ିଶାର ଐତିହାସିକ ପରିଚୟ କଳିଙ୍ଗ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଛନ୍ତି ଯେ, ଦକ୍ଷିଣ-ପୂର୍ବ ଏସିଆ ସହିତ ପ୍ରାଚୀନ ସାମୁଦ୍ରିକ ଏବଂ ସାଂସ୍କୃତିକ ସମ୍ପର୍କର ପୁନରୁଦ୍ଧାର, ଭାରତର ପୂର୍ବାଞ୍ଚଳ ନୀତି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଭାଗିତା ସହିତ ଦୃଢ଼ ଭାବରେ ସମନ୍ୱିତ ହେବା ଉଲ୍ଲେଖନୀୟ। ରାଜ୍ୟପାଳ ବିଶ୍ୱାସ ପ୍ରକଟ କରିଥିଲେ ଯେ,ଏହି ସମ୍ମିଳନୀ ଭାରତର ପୂର୍ବାଞ୍ଚଳକୁ ଦକ୍ଷିଣ-ପୂର୍ବ ଏସିଆ ସହିତ ସଂଯୋଗ କରୁଥିବା ଅର୍ଥନୈତିକ କରିଡରକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ନୀତି ସୃଷ୍ଟି କରିବ, ଯାହା ସ୍ଥାୟୀ ଏବଂ ସମାବେଶୀ ଆଞ୍ଚଳିକ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ଭିଡିଓ ଅଭିଭାଷଣ ପ୍ରଦର୍ଶିତ ହୋଇଥିଲା, ଯାହା ପ୍ରେରଣାଦାୟକ ଥିଲା। ଫେଡେରାଲ୍ ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ ନେପାଳର ରାଷ୍ଟ୍ରଦୂତ ଡ.ଶଙ୍କର ପ୍ରସାଦ ଶର୍ମା, ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ନୀତି ଯୋଜନା ଏବଂ ଗବେଷଣା) ଅପର୍ଣ୍ଣା ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଭାରତ ସରକାରଙ୍କ ପୂର୍ବତନ ସଚିବ ଏବଂ ଦି ଏନର୍ଜି ଫୋରମର ଟ୍ରଷ୍ଟି ସିଦ୍ଧାର୍ଥ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ମହାନଦୀ ଜଳ ...

କହିଥିଲେ ଯେ ଉଚ୍ଚସ୍ତରୀୟ କମିଟିରେ ମୋତେ ସ୍ଥାନିତ କରିଥିବାରୁ ସରକାରଙ୍କୁ ଧନ୍ୟବାଦ। ୯ବର୍ଷ ପରେ ମହାନଦୀ ବିବାଦ ସମାଧାନ ପାଇଁ ଏଭଳି କମିଟି ଗଠନ ହୋଇଛି। ଏବେ ବିଜେପିର ଟ୍ରିପଲ ଇଞ୍ଜିନ୍ ସରକାର ଅଛି। ମୁଖ୍ୟମନ୍ତ୍ରୀ ତଳସ୍ତରର ସମସ୍ୟା ବୁଝନ୍ତି। ନ୍ୟାୟିକ ପ୍ରକ୍ରିୟା ସବୁବେଳେ ବିଳମ୍ବିତ ହୁଏ। ଆଶା କରିବୁ ଯେ ଏ କମିଟି ମହାନଦୀ ବିବାଦର ସମାଧାନ କରିପାରିବ।

## କୃଷିର ନିରନ୍ତର...

ଓଡ଼ିଶାର ଉଦ୍ୟାନ-କୃଷି ସମ୍ଭାବନାକୁ ପ୍ରଦର୍ଶନ କରୁଥିବା ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ଉଦଘାଟନୀ ଅଧିବେଶନରେ ଶୀତଳ ଭଣ୍ଡାର ହିତାଧିକାରୀମାନଙ୍କୁ ଅନୁମୋଦନ ପତ୍ର ବଣ୍ଟନ ମଧ୍ୟ କରାଯାଇଥିଲା।

ସମାବେଶକୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ, "ରାଜ୍ୟ ସରକାର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ନିବେଶ, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରତିବଦ୍ଧ। ସ୍ଥାୟୀତ୍ୱ ଉପରେ ଗୁରୁତ୍ୱାରୋପ କରି ସେ ଘୋଷଣା କରିଥିଲେ ଯେ ସରକାର ଆର୍ଥିକ ବର୍ଷ ୨୦୨୯-୩୦ ସୁଦ୍ଧା ୫୮ଟି ସବ ଡିଭିଜନରେ ଶୀତଳ ଭଣ୍ଡାର ୟୁନିଟ୍ ପ୍ରତିଷ୍ଠା କରିବାକୁ ଏକ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି, ଯାହାର ପ୍ରସ୍ତାବିତ ବଜେଟ୍ ବ୍ୟୟ ୨୫୨ କୋଟି।"

ସେ ଅଚଳ ଶୀତଳ ଭଣ୍ଡାର ୟୁନିଟ୍ ଗୁଡ଼ିକୁ ପୁନରୁଦ୍ଧାର କରିବା ଏବଂ ନୂତନ ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ପୁଞ୍ଜି ନିବେଶ ସବସିଡି ଏବଂ ସୁଧ ପରିଶୋଧ ଭଳି ପ୍ରମୁଖ ନୀତିଗତ ହସ୍ତକ୍ଷେପ ଉପରେ ଆଲୋକପାତ କରିଥିଲେ। ବ୍ୟାଙ୍କ, ଶିଳ୍ପ ସଂଘ, ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀ ଏବଂ ବଡ଼ କ୍ରେତାଙ୍କୁ ଓଡ଼ିଶାର ଚାଷୀ ଏବଂ ଉଦ୍ୟୋଗୀମାନଙ୍କ ସହିତ ଘନିଷ୍ଠ ଭାବରେ ସହଭାଗୀ ହେବାକୁ ଆହ୍ୱାନ କରି, ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି କ୍ଷେତ୍ରର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ମୂଲ୍ୟ ଶୃଙ୍ଖଳରେ ଦୃଢ଼ ସହଯୋଗ ଜରୁରୀ।

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ ଅରବିନ୍ଦ କୁମାର ପାଢୀ, ବଜାର-କୈନ୍ଦ୍ରିକ କୃଷି ଆଡକୁ ରାଜ୍ୟର ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଶା ଗତ ୧୬-୧୭ ବର୍ଷ ଧରି ଏକ ଧାନ ଉତ୍ପାଦନରେ ବଳକା ରାଜ୍ୟ ହୋଇ ଆସିଛି, ୧୨ ରୁ ଅଧିକ ରାଜ୍ୟକୁ ଚାଉଳ ଯୋଗାଣ କରୁଛି ଏବଂ ଗତ କୃଷି ବର୍ଷରେ ସମାନ ପରିମାଣର ଉଦ୍ୟାନ କୃଷି ଉତ୍ପାଦ ସହିତ ପ୍ରାୟ ୧୫ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଉତ୍ପାଦନ କରିଛି।

କ୍ରେତା-ବିକ୍ରେତା ବୈଠକ କନକ୍ଲେଭର ଏକ ପ୍ରମୁଖ ଆକର୍ଷଣ ଭାବରେ ଉଭା ହୋଇଥିଲା, ଯାହା ଓଡ଼ିଶାର ଉତ୍ପାଦକ, ଏଫପିଓ, ଏସ୍‌ଏଚଜି ଓ ଉଦ୍ୟୋଗୀଙ୍କୁ ଖୁଚୁରା, ରପ୍ତାନୀ ଏବଂ ଇ-କମର୍ସ କ୍ଷେତ୍ରର ଜାତୀୟ କ୍ରେତାଙ୍କ ସହିତ ସଂଯୋଗ କରିଥିଲା। ପ୍ରଦର୍ଶନୀରେ ଜିଆଇ-ଟ୍ୟାଗ୍ ହୋଇଥିବା କାଜୁ, ମହୁ, ମସଲା, ଛତୁ ଓ ବିଦେଶୀ ପନିପରିବା ସମେତ ବିଭିନ୍ନ ପ୍ରକାରର ସ୍ଥାନୀୟ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରଦର୍ଶିତ ହୋଇଥିଲା, ଯାହା ସିଧାସଳଖ ବ୍ୟବସାୟିକ ପାରସ୍ପରିକ କ୍ରିୟା ଏବଂ ସମ୍ଭାବ୍ୟ ବାଣିଜ୍ୟ ସହଭାଗିତାକୁ ସହଜ କରିଥିଲା।

## ମାଲକାନଗିରି ...

ଉଭୟ ପକ୍ଷ ଜିଲ୍ଲାପାଳ ଓ ଏସପିଙ୍କ ସହ ଅହରହ ଯୋଗାଯୋଗରେ ଥିବା କଥା ପ୍ରକାଶ କରିଛନ୍ତି ଜିଲ୍ଲାପାଳ। ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏବଂ ଜିଲ୍ଲାପାଳ, ଏସପି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ, ବନଖଣ୍ଡ ଅଧିକାରୀ ଓ ଉପ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଆଦିବାସୀ ସମାଜର ପ୍ରତିନିଧିଙ୍କ ସହ ଦୀର୍ଘ ଦିନରୁ ରହିଥିବା ଜମି ଓ ରାଜସ୍ୱ ସମ୍ପର୍କିତ ବିଷୟରେ ଆଲୋଚନା କରାଯାଇଛି।

ସେହିପରି ଏମଭି-୨୬ ଗ୍ରାମରେ ପୋଡାଜଳା ଓ ଭଙ୍ଗାରୁଜା ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିବା ଏସପି ବିନୋଦ ପାଟିଲ ପ୍ରକାଶ କରିଥିଲେ। ମୃତକ ମହିଳାଙ୍କ ସନ୍ତାନଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଆହୁରି ୪ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି। କ୍ଷୟକ୍ଷତିର ଭରଣା ପାଇଁ ଏକ ଆକଳନ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଛି। ପୂର୍ବରୁ ଏମଭି ୨୬ ଗ୍ରାମରେ ନଷ୍ଟ ହୋଇଥିବା ଘର, ଦୋକାନ ଗୃହ ଏବଂ ଅନ୍ୟାନ୍ୟ ସମ୍ପତ୍ତିର କ୍ଷୟକ୍ଷତି ୩ କୋଟି ୪୦ ଲକ୍ଷ ଆକଳନ କରାଯାଇଥିବା ବେଳେ ଏବେ ପୁଣି ପ୍ରାୟ ୪୦ ଲକ୍ଷ ଟଙ୍କା ଆକଳନ କରାଯାଇଛି। ସମସ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗୀକରଣ ପୁନଃ ସ୍ଥାପିତ କରାଯାଇଛି।

ପୀଡିତଙ୍କୁ ଦିନକୁ ଦୁଇ ଥର ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି। କମ୍ବଳ, ବିଛଣା, ଟାରପଲିନ, ଶାଢ଼ୀ, ଲୁଙ୍ଗି, ଗାମୁଛା, ମଗ୍, ଜାରକିନ୍, ପୋଷାକ ଇତ୍ୟାଦି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପାନୀୟ ଜଳ ବ୍ୟବସ୍ଥା ମଧ୍ୟ ଠିକ୍ କରି ଦିଆଯାଇଛି। ସ୍କୁଲ୍ ପିଲାଙ୍କ ପାଇଁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଛି। ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ଟେକ୍ ହୋମ୍ ବ୍ୟବସ୍ଥା କରାଯାଇଛି। ବହୁତ୍ ଶୀଘ୍ର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଖୋଲିବ। ପିଲାଙ୍କ ପାଇଁ ୟୁନିଫର୍ମ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପୁଲିସ ଲୋକଙ୍କ ମନବଳ ବୃଦ୍ଧି କରିବା ଓ ସୁରକ୍ଷା ଯୋଗାଇବା ପାଇଁ ଏବେ ବି ସେଠାରେ ଜଗିବା ସହ ଫ୍ଲାଗ ମାର୍ଚ୍ଚ କରୁଛି।

## ଭାରତ-ଚୀନ୍ ...

ତୟାନଜିନରେ ହୋଇଥିବା ବୈଠକରେ ମହତ୍ୱପୂର୍ଣ୍ଣ ସହମତିକୁ ଲାଗୁ କରିବାକୁ ପ୍ରତିବଦ୍ଧତା ଦୋହରାଯାଇଛି। ଏହାସହିତ ଦ୍ୱିପାକ୍ଷୀୟ ଆଦାନ-ପ୍ରଦାନକୁ ଆଗକୁ ବଢ଼ାଇବା, ସଂସ୍ଥାଗତ ସମ୍ବାଦକୁ ବହାଲ କରିବା, ମତଭେଦର ଉଚିତ୍ ପ୍ରବନ୍ଧନ କରିବା ତଥା ବହୁପାକ୍ଷୀୟ ଏବଂ କ୍ଷେତ୍ରୀୟ ମାମଲାରେ ସମନ୍ୱୟ ମଜଭୂତ କରିବା ଉପରେ ସହମତି ବ୍ୟକ୍ତ କରାଯାଇଛି।

## ମୋର ବର୍ଦ୍ଧିତ...

ଦଳ ନେତାଙ୍କ ପାଇଁ ବୃଦ୍ଧି କରାଯାଇଥିବା ଦରମା ଏବଂ ଭତ୍ତା ତ୍ୟାଗ କରିବାକୁ ଚାହୁଁଛି ଯାହାକୁ ଓଡ଼ିଶା ବିଧାନସଭା ନିକଟରେ ପାରିତ କରିଛି। ମୁଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିବାକୁ ଚାହୁଁଛି ଯେ ସେ ଏହାକୁ ଆମ ରାଜ୍ୟର ଗରିବ ଲୋକଙ୍କ କଲ୍ୟାଣ ପାଇଁ ବ୍ୟବହାର କରନ୍ତୁ। ବିଧାୟକଙ୍କ ଦରମା ପାଖାପାଖି ସାଢେ ତିନି ଲକ୍ଷକୁ ବୃଦ୍ଧି ସେହି ସମୟରେ କରାଯାଇଛି, ଯେଉଁ ସମୟରେ ଶିକ୍ଷକଙ୍କଠୁ ନେଇ ପାଚିକା ସଂଘ ସହ ଅନେକ ସଂଗଠନ ନିଜର ଦାବି ନେଇ ଲୋୟର ପିଏମଜିରେ ଧାରଣାରେ ବସିଛନ୍ତି। ଏହା ପୂର୍ବରୁ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଏବଂ ଭୁବନେଶ୍ୱରର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ବର୍ଦ୍ଧିତ ଦରମା ନେବାକୁ ମନା କରିଥିଲେ । ବାବୁ ସିଂ କହିଥିଲେ ତାଙ୍କର ବର୍ଦ୍ଧିତ ଦରମା ଗରିବଙ୍କ କଲ୍ୟାଣ ପାଇଁ ସେ ଖର୍ଚ୍ଚ କରିବେ।

## ରାଜସ୍ୱ ବିଭାଗରେ...

କରିବାକୁ କୁହାଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ୪ରୁ ୫ଟି ଜିଲ୍ଲା ହିଁ ଏହି ରିକ୍ୱିଜିସନ୍ ଦାଖଲ କରିଛନ୍ତି। ଏହାଦ୍ୱାରା ସରକାର ରଖିଥିବା ନିଯୁକ୍ତି ପୁରଣ ଲକ୍ଷ୍ୟରେ ବାଧା ଉପୁଜିଛି । ସରକାର ଖାଲି ପଦବୀ ପୂରଣ ପାଇଁ ନିଯୁକ୍ତି ପ୍ରକ୍ରିୟା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି । ଏହି ପରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ଡକାଯାଇଥିବା ବୈଠକରେ ମଧ୍ୟ ତାଗିଦ କରାଯାଇଛି ।


# ୧୮ଟି ସାମୁଦ୍ରିକ ଥାନା ପକ୍ଷରୁ ୩୦୩ଟି କମ୍ୟୁନିଟି ପୋଲିସିଂ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ସମୁଦ୍ର ତଟବର୍ତ୍ତୀ ଅଂଚଳରେ ବସବାସ କରୁଥିବା ଜନସାଧାରଣଙ୍କ ବିଶ୍ୱାସ, ଭରସା, ସହଯୋଗ, ସହାୟତା ତଥା ସାମାଜିକ ସମ୍ପର୍କକୁ ନିବିଡ଼ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ଓଡ଼ିଶା ପୋଲିସର ସାମୁଦ୍ରିକ ଥାନା ଦ୍ୱାରା ଆୟୋଜିତ "କମ୍ୟୁନିଟି ପୋଲିସିଂ" କାର୍ଯ୍ୟକ୍ରମ। ସାମୁଦ୍ରିକ ଥାନାଗୁଡିକରେ କାର୍ଯ୍ୟରତ ପୁଲିସ୍ ଅଧିକାରୀ ଓ କର୍ମଚାରୀମାନେ ତଟବର୍ତ୍ତୀ ଅଂଚଳରେ 'କମ୍ୟୁନିଟି ପୋଲିସିଂ' ମାଧ୍ୟମରେ ସମାଜରେ ଶାନ୍ତି-ଶୃଙ୍ଖଳା ବଜାୟ, ଧନ ଜୀବନ ସୁରକ୍ଷା ଏବଂ ପୁଲିସ-ଜନତା ସମ୍ପର୍କକୁ ସୁଦୃଢ କରିବା ଭଳି କାର୍ଯ୍ୟକୁ ପ୍ରଭାବଶାଳୀ କରିବାରେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି । ସାରା ରାଜ୍ୟରେ ଓଡ଼ିଶା ପୋଲିସର ବିଭିନ୍ନ ଜିଲ୍ଲାରେ ୧୮ଟି ସାମୁଦ୍ରିକ ଥାନା ପକ୍ଷରୁ ୩୦୩ଟି କମ୍ୟୁନିଟି ପୋଲିସିଂ ଆୟୋଜନ କରାଯାଇଛି। ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଜାରି ରହିବ। କମ୍ୟୁନିଟି ପୋଲିସିଂ ହେଉଛି ସାଧାରଣ ଜନତା ଓ ପୋଲିସଙ୍କ ମଧ୍ୟରେ ଏକ ବିଶ୍ୱାସର ସେତୁ। ଏହା ଦ୍ୱାରା ତଟ ବର୍ତ୍ତୀ ଅଞ୍ଚଳରେ ପୋଲିସ ଲୋକଙ୍କ ବିଶ୍ୱାସଭାଜନ ହେବା ସହ ଆଗାମୀ ଦିନରେ ଉତ୍ତମ ସେବା ପ୍ରଦାନ କରିବାରେ ଗୁରୁ ଦାୟିତ୍ୱ ତୁଲାଇବ ବୋଲି ଡିଜିପି ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି। ଲୋକଙ୍କ ସହଭାଗିତାରେ ରାଜ୍ୟରେ ଅପରାଧ ସଂଖ୍ୟା ହ୍ରାସ ପାଇବ ଏବଂ ସମାଜରେ ଶାନ୍ତି ବଜାୟ ରହିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ବିଗତ କିଛି ଦିନ ଧରି ଓଡ଼ିଶା ପୋଲିସର ସାମୁଦ୍ରିକ ଥାନା ଗୁଡିକ ପକ୍ଷରୁ ବ୍ୟାପକ ଜନ ସମ୍ପର୍କ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କାର୍ଯ୍ୟକ୍ରମଗୁଡିକରେ ସ୍ଥାନୀୟ ବାସିନ୍ଦା, ମତ୍ସ୍ୟଜୀବୀ, ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଯୁବବର୍ଗ, ଏବଂ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ସାମିଲ କରାଯାଉଛି । ନିରାପତା ନିମିତ ସଚେତନତା, ମହିଳା ଓ ଶିଶୁଙ୍କ ସୁରକ୍ଷା, ଯୁବ ବର୍ଗଙ୍କ ଭବିଷ୍ୟତ, ସାଇବର ସଚେତନତା ଅଭିଯାନ, ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ମତ୍ସ୍ୟଜୀବୀଙ୍କ ସୁରକ୍ଷା ଏବଂ ସମୁଦ୍ରତଟର ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରଯାଉଛି । ଏହା ସହ ମାଦକ ଦ୍ରବ୍ୟ ବ୍ୟବହାର ଯୋଗୁଁ ସମାଜ ତଥା ପରିବାରର କ୍ଷତି ଏବଂ ଯୁବ ସମାଜର ଭୂମିକା ସଂକ୍ରାନ୍ତରେ ମଧ୍ୟ ସଚେତନ କରଯାଉଛି । ଏହା ବ୍ୟତୀତ ଅପରାଧିକ କାର୍ଯ୍ୟକଳାପ ଏବଂ ସମାଜ ବିରୋଧୀ କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ଏହା ସହ ତଟ ବର୍ତୀ ଅଞ୍ଚଳଗୁଡିକରେ ସମୁଦ୍ର ପଥରେ ସନ୍ଦିଗ୍ଧ ଅପରାଧୀଙ୍କ ଗତିବିଧି, ଆତଙ୍କବାଦୀ କାର୍ଯ୍ୟକଳାପ, ବେଆଇନ ଅନୁପ୍ରବେଶକାରୀ, ନିଶା ଦ୍ରବ୍ୟ ଚୋରା କାରବାର ଓ , ମାନବ ଚୋରା ଚାଲାଣ ଇତ୍ୟାଦିକୁ ରୋକାଯିବାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସଚେତନତା କରାଯାଉଛି । ସାମୁଦ୍ରିକ ଥାନାର ପୁଲିସ୍ ଅଧିକାରୀମାନେ ଭାରତୀୟ କୋଷ୍ଟ ଗାର୍ଡର ଅଧିକାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରଖି ଏହି ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରୁଛନ୍ତି। ଏହା ବ୍ୟତୀତ ମତ୍ସ୍ୟଜୀବୀ ଏବଂ ସମୁଦ୍ରତଟ ବାସିନ୍ଦାଙ୍କ ସହ ନିୟମିତ ଯୋଗାଯୋଗ ରଖି ସୂଚନା ଆଦାନ-ପ୍ରଦାନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାକୁ ଅଗ୍ରଣୀ ଭୂମିକା ତୁଲାଉଛନ୍ତି । ପୋଲିସ ଟିମ ଗୁଡିକ ଗାଁ ଗାଁରେ ପହଞ୍ଚି ସାଧାରଣ ଲୋକଙ୍କ ମତାମତ ସଂଗ୍ରହ କରିବା ସହ ସେମାନଙ୍କ ସମାଜିକ ସମସ୍ୟା ସମାଧାନରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । କମ୍ୟୁନିଟି ପୋଲିସିଂ ଜରିଆରେ ଜନ ସାଧାରଣ ଓ ପୁଲିସ ମଧ୍ୟରେ ସହଯୋଗ ବୃଦ୍ଧି ପାଇବା ସହିତ ସ୍ଥାନୀୟ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ସହ ସୁରକ୍ଷାକୁ ନିଶ୍ଚିତ କରିହେବ ବୋଲି ସାମୁଦ୍ରିକ ଥାନା ପୁଲିସ୍ ଆଶାବାଦୀ ଅଛନ୍ତି । ଆଗାମୀ ଦିନରେ ପୁଲିସ୍-ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ କରିବା, ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ସନ୍ଦିଗ୍ଧ କାର୍ଯ୍ୟକଳାପ ବିଷୟରେ ତ୍ୱରିତ ସୂଚନା ମିଳିବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶା ବ୍ୟକ୍ତ କରାଯାଉଛି ।

# ଶାନ୍ତିସେନା ପବ୍ଲିକେସନ ପକ୍ଷରୁ ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶାନ୍ତିସେନା ପବ୍ଲିକେସନ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ପୁସ୍ତକମେଳାରେ ଅନୁବାଦ ପୁସ୍ତକ 'କବିତା ଗୋଟିଏ ଧର୍ମ' ଲୋକାର୍ପିତ ହୋଇଯାଇଛି । ବିଶିଷ୍ଟ ସାହିତ୍ୟିକ ଦୀପକ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ଯତୀନ ନାୟକ, ପ୍ରସିଦ୍ଧ ଅନୁବାଦକ ଡ଼. ସଂଗ୍ରାମ ଜେନା ଯୋଗ ଦେଇ ଅନୁବାଦର ଗୁରୁତ୍ୱ ଓ ଅନୁଦିତ ଭାଷା -ସାହିତ୍ୟର ସାମର୍ଥ୍ୟ ବୃଦ୍ଧିରେ ତାହାର ଭୂମିକା ନେଇ ମନ୍ତବ୍ୟ ରଖିଥିଲେ। ପ୍ରସିଦ୍ଧ କବି, ଅନୁବାଦକ ଓ ପ୍ରାବନ୍ଧିକ କେ, ସଚ୍ଚିଦାନନ୍ଦନଙ୍କ ଲିଖିତ ଚାଳିଶଟି କବିତାର ଅନୁବାଦ କରିଛନ୍ତି ବିଶିଷ୍ଟ କବି ଓ ଅନୁବାଦକ ସୂର୍ଯ୍ୟ ମିଶ୍ର । ଆରମ୍ଭରେ ପ୍ରକାଶକ ରଜତରଶ୍ମି ସ୍ୱାଇଁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ ଓ ଶୁଭଶ୍ରୀ ଶୁଭସ୍ମିତା ମିଶ୍ର ପୁସ୍ତକରୁ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ରକ୍ଷକ ନାୟକ, ପ୍ରମୋଦ ପ୍ରଧାନ, ମୁକୁଳ ମିଶ୍ର, କଥାକାର ଆଭାସ ବରାଳ, ଡ଼. ଅଶୋକ ସିଂହ, ରଶ୍ମି ସାମଲ, ସ୍ୱର୍ଣ୍ଣପ୍ରଭା ମହାପାତ୍ର, ମଧୁମିତା ଓ ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ଷଣପ୍ରଭା ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ନୋ ଲିମିଟ ବାର୍‌ରେ ଚାଲୁଥିବା ବେଆଇନ କାରବାରର ହେବ ତଦନ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନୋ ଲିମିଟ ହୁକା ବାର ପାଇଁ ଅଡୁଆ ବଢିଛି। ନୋ ଲିମିଟରେ ଚାଲୁଥିବା ବେଆଇନ କାରବାରର ତଦନ୍ତ ପାଇଁ ଅବକାରୀ କମିଶନର ପି. ଅନ୍ୱେଶା ରେଡ୍ଡୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଅନୁସାରେ ଷ୍ଟେଟ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସୁପରିଟେଣ୍ଡ ଓ ଭୁବନେଶ୍ୱରର ଏକ୍ସାଇଜ ସୁପରିଟେଣ୍ଡଙ୍କୁ ଯଥା ଶିଘ୍ର ତଦନ୍ତ ସାରି କମିଶନରଙ୍କ ନିକଟରେ ଏହି ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ରହିଛି। ନୋ ଲିମିଟ ତଳେ ଥିବା ହୋଟେଲ ଲିଭିଙ୍ଗ ପାରାଡ଼ାଇଜ ସହ ସ୍ଥାନୀୟ ଲୋକଙ୍କର ବୟାନ ନିଆଯିବ । ସିସିଟିଭି ଯାଂଚ ସହ ନୋ ଲିମିଟ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗକୁ ନେଇ ତଦନ୍ତ କରିବେ ତଦନ୍ତକାରୀ ଅଧିକାରୀ। ଅନ୍ୟପଟେ ଅବକାରୀ ନିୟମ ଉଲଙ୍ଘନର କୌଣସି ପ୍ରମାଣ ମିଳିଲେ କଡ଼ା ଆକ୍ସନ୍ ନିଆଯିବ ବୋଲି କହିଛନ୍ତି ଭୁବନେଶ୍ୱରର ଅବକାରୀ ସୁପରିଟେଣ୍ଡ ଦେବେନ୍ଦ୍ର ପଟେଲ।

ଭୁବନେଶ୍ୱର
୧୪ ଡିସେମ୍ବର,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ଧନୁ ସଂକ୍ରାନ୍ତିରୁ ଆରମ୍ଭ ହେବ ପହିଲି ଭୋଗ ନୀତି

# ସଅଳ ଉଠି ସଅଳ ଖାଇବେ ମହାପ୍ରଭୁ ଶ୍ରୀଲିଙ୍ଗରାଜ



**ଭୁବନେଶ୍ୱର, ୧୩/୧୨**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୬ ତାରିଖ ତଥା ଧନୁ ସଂକ୍ରାନ୍ତି ଠାରୁ ନିତି ମାସକ ଯାଏ ସଅଳ ଉଠି ସଅଳ ଖାଇବେ ଏକାମ୍ର ଆରାଧ୍ୟ ମହାପ୍ରଭୁ ଶ୍ରୀଲିଙ୍ଗରାଜ । ଏହି ଅବସରରେ ମନ୍ଦିର କାର୍ଯ୍ୟାଳୟ ତରଫରୁ ପହିଲି ଭୋଗ ସମ୍ପର୍କିତ ନୀତି ନିର୍ଘଣ୍ଟ ବାବଦରେ ସ୍ୱତନ୍ତ୍ର ବିଜ୍ଞପ୍ତି ଜାରି କରାଯାଇଛି । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ମୁତାବକ ଭୋର ୫ଟାରେ ଶ୍ରୀଜୀଉଙ୍କ ମଙ୍ଗଳ ଆଳତୀ ଓ ଅବକାଶ ନୀତି ବଢି ସକାଳ ୭ଟାରେ ପହିଲି ଧୂପ ଲାଗି ହେବ । ଏଥିରେ ଖିର ଗଇଁଠା ଭୋଗ ଲାଗି ହେବ । ସେହିପରି ସାଢେ଼ ୮ଟା ସୁଦ୍ଧା ଠାକୁରାଣୀ ଧୂପ ଓ ଭୋଗ ମଣ୍ଡପ ନୀତି ବଢି ୯ଟାରେ ସାହାଣ ମେଲା ଦର୍ଶନ ଆରମ୍ଭ ହେବ । ଦ୍ୱିପହର ଧୂପ ଏବଂ ସନ୍ଧ୍ୟା ଧୂପରେ ବିଷୋୟୀ ସେବାୟତଙ୍କ ପ୍ରଦତ୍ତ ମୁଆଁ ଭୋଗ ସମର୍ପଣ ହେବ । ସନ୍ଧ୍ୟା ସାଢେ ୭ରେ ଅନ୍ତିମ ନୀତି ଅର୍ଥାତ ବଡ ସିଂହାର ନୀତି ବଢି ପହୁଡ ପଡିବ । ଅନୁରୂପ ଭାବେ କପିଳେଶ୍ୱର ମନ୍ଦିରରେ ମଧ୍ୟ ପହିଲି ଭୋଗ ନୀତି ପାଳନ କରାଯିବ ।



ଭୁବନେଶ୍ୱର : ଗୀତଗୋବିନ୍ଦ ସଦନ ପରିସରରେ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା "ଶତଦ୍ରୁ"ର ୪୧ତମ ପୂର୍ତ୍ତି ଉତ୍ସବ ଅବସରରେ ଶତଦ୍ରୁ ସୃଜନୀ ସମ୍ମାନ-୨୦୨୫ ରେ ବିଶିଷ୍ଟ ସାହିତ୍ୟିକା ତଥା ଅନୁବାଦିକା ଶ୍ରୀମତୀ ସୁପ୍ରଭା ରାୟଙ୍କୁ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ । ନିକଟରେ ଉପସ୍ଥିତ ଅଛନ୍ତି ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ, ବିଶିଷ୍ଟ ଅତିଥି ବଙ୍ଗୀୟ କବି ଫାଲ୍‌ଗୁନୀ ଘୋଷ, ବିଶିଷ୍ଟ କବି ଡଃ ଫନୀ ମହାନ୍ତି, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, କଥାଶିଳ୍ପୀ ଦିବାକର ମାନସିଂହ ଏବଂ ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ । (ଫଟୋ : ସମ୍ବାଦ କଳିକା)

# ଚୂଡାନ୍ତ ହେଲା ମହାପ୍ରଭୁଙ୍କ ପହିଲି ଭୋଗ ନୀତି ନିର୍ଘଣ୍ଟ



**ପୁରୀ, ୧୩/୧୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଛତିଶା ନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷ ହୋଇଛି । ଚୁଡାନ୍ତ ହେଲା ମହାପ୍ରଭୁଙ୍କ ପହିଲି ଭୋଗ ନୀତି ନିର୍ଘଣ୍ଟ । ଆସନ୍ତା ୧୬ ତାରିଖରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପହିଲି ଭୋଗ ନୀତି ଅନୁଷ୍ଠିତ ହେବ । ବୈଠକ ସରିବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରତିକ୍ରିୟା ଦେଇ କହିଛନ୍ତି, 'ପହିଲି ଭୋଗ ନୀତିକୁ ଛତିଶା ନିଯୋଗ ବୈଠକରେ ଅନୁମୋଦନ କରାଯାଇଛି । ଆସନ୍ତା ୧୬ ତାରିଖରୁ ଜାନୁଆରୀ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପହିଲି ଭୋଗ ନୀତି ଅନୁଷ୍ଠିତ ହେବ । ସକାଳ ୫ଟା ୩୦ ରୁ ୬ ଟା ମଧ୍ୟରେ ଏହି ନୀତି ଅନୁଷ୍ଠିତ ହେବ ।'

ତେବେ ବୈଠକରେ ରାତ୍ର ୨ଟା ଦ୍ୱାର ଫିଟା ନୀତି କରାଯାଇ ରାତ୍ର ୧୧ ଟାରେ ପହୁଡ ନୀତି କରାଯିବା ନେଇ ନିଷ୍ପତ୍ତି ହୋଇଛି । ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଦିବା ପହୁଡ ନୀତି କରାଯିବ । ସେହିପରି ଜାନୁଆରୀ ୩ ତାରିଖରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଦେବାଭିଷେକ ନୀତିକୁ ମଧ୍ୟ ଶୃଙ୍ଖଳିତ କରାଯିବ । ଆସନ୍ତା ଜାନୁଆରୀ ୧୪ରେ ଅନୁଷ୍ଠିତ ହେବାକୁ ଥିବା ମକର ସଂକ୍ରାନ୍ତି ନୀତିକୁ ମଧ୍ୟ ଗୁରୁତ୍ୱ ଦେଇଛି ଛତିଶା ନିଯୋଗ ।

ତେବେ ସମସ୍ତ ନୀତି କାନ୍ତି କୁ ଶୃଙ୍ଖଳିତ କରିବା ପାଇଁ ସେବାୟତଙ୍କ ମଧ୍ୟରେ ଏକ ସବ କମିଟି ଗଠନ ହେବ । ଦିବ୍ୟାଙ୍ଗ ଭକ୍ତଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନେଇ ଗୁରୁତ୍ୱ ଦିଆଯାଇଛି । ଆଗାମୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ । ଏଥିପାଇଁ ପ୍ରସ୍ତୁତ ହୋଇଥିବା ଚିଠା ମାର୍ଗଦର୍ଶିକା ଉପରେ ଆଲୋଚନା ହୋଇଥିଲା ।

ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଥିବା ବେଳେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା ପରେ ପରିଚାଳନା କମିଟି ନିଷ୍ପତ୍ତି ନେବ । ଗୁଣ୍ଡିଚା ମନ୍ଦିରର ସୌନ୍ଦର୍ଯ୍ୟ ମୂଳକ କାର୍ଯ୍ୟ ଶେଷ ହେବା ପରେ ସର୍ବସାଧାରଣଙ୍କ ଦର୍ଶନ ବ୍ୟବସ୍ଥା କରାଯିବ । ରତ୍ନଭଣ୍ଡାର ଗଣତି ମଣତି ନେଇ ଏକ ଚିଠା ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି । ରତ୍ନଭଣ୍ଡାର କମିଟି, ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସରକାରଙ୍କ ଅନୁମୋଦନ ପରେ ଗଣତି ମଣତି କରାଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ଅତିରିକ୍ତ ଏସପି, ଛତିଶା ନିଯୋଗର ସେବାୟତ ପ୍ରତିନିଧିଙ୍କ ସହିତ ପରିଚାଳନା କମିଟି ସେବାୟତ ମାନେ ସଦସ୍ୟ ଏବଂ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

# 'ଅପାର' ଆଇଡି ବାଧ୍ୟତାମୂଳକ ନୁହେଁ : ହାଇକୋର୍ଟ

**କଟକ, ୧୩/୧୨ ନ୍ୟୁଜ ବ୍ୟୁରୋ**

ଜାତୀୟ ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀମାନଙ୍କ ସ୍ଥାୟୀ ଡିଜିଟାଲ୍ ପରିଚୟପତ୍ର କୁହାଯାଉଥିବା 'ଅପାର' (ଅଟୋମେଟେଡ୍ ପରମାନେଣ୍ଟ୍ ଏକାଡେମିକ୍ ଆକାଉଣ୍ଟ୍ ରେଜିଷ୍ଟ୍ରି) ବାଧ୍ୟତାମୂଳକ ନୁହେଁ ବୋଲି ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଅପାର୍ ଆଇଡି ସଂପୂର୍ଣ୍ଣ ଭାବେ ଇଚ୍ଛାଧୀନ । ତେଣୁ ଏହାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ । ଅଭିଭାବକଙ୍କ ସହମତି ଅନୁସାରେ ଏହା ତିଆରି ହେବ । ତେଣୁ ସହମତି ବା କନସେଣ୍ଟ୍ ଫର୍ମରେ ବିକଳ୍ପ ଭାବେ 'ଅଗ୍ରାହ୍ୟ ବା ନାକଚ'ର ଅପସନ୍ ବା ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ଏ ସଂପର୍କିତ ଏକ ମାମଲାର ବିଚାର କରି ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ରାୟ ଦେଇଛନ୍ତି ।

ଅପାର ଆଇଡି ପ୍ରସ୍ତୁତ ପାଇଁ ଅଭିଭାବକମାନଙ୍କୁ ଦିଆଯାଇଥିବା ସହମତି ଫର୍ମରେ 'ଅଗ୍ରାହ୍ୟ' ପାଇଁ କୌଣସି ଅପ୍‌ସନ୍ ନ ଥିବାରୁ ଏହାକୁ ବିରୋଧ କରି ଅଭିଭାବକ ରୋହିତ ଆନନ୍ଦ ଦାସ ଓ ଅନ୍ୟମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାମଲା ରାୟ ପ୍ରକାଶ କରି ଜଷ୍ଟିସ୍ ମିଶ୍ର କହିଛନ୍ତି ଯେ, ଅପାର ଆଇଡି ବ୍ୟବସ୍ଥା ଇଚ୍ଛାଧୀନ । ତେଣୁ ଅଭିଭାବକମାନଙ୍କୁ ଦିଆଯାଉଥିବା କନସେଣ୍ଟ୍ ଫର୍ମକୁ ଦୁଇମାସ ମଧ୍ୟରେ ସଂଶୋଧନ ପାଇଁ ପଦକ୍ଷେପ ନେବାକୁ ହାଇକୋର୍ଟ କେନ୍ଦ୍ର, ରାଜ୍ୟ ଓ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଫର୍ମରେ ସ୍ପଷ୍ଟ ଭାବେ 'ଅଗ୍ରାହ୍ୟ ବା ନାକଚ' ବିକଳ୍ପ ଯୋଡ଼ିବାକୁ ମଧ୍ୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।



ଆବେଦନକାରୀ ରୋହିତ ଆନନ୍ଦ ଦାସ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ମାମଲାରେ ଦର୍ଶାଯାଇଥିଲା ଯେ ସେମାନଙ୍କ ପିଲାମାନେ ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଛନ୍ତି । ସ୍କୁଲ ପକ୍ଷରୁ ୨୦୨୪ ଡିସେମ୍ବର ୨୮ରେ ଏକ ଚିଠି କରାଯାଇଥିଲା । ଏହି ଚିଠିରେ ଅପାର ଆଇଡି କରିବା ପାଇଁ ଆଧାର ଏବଂ ଅଭିଭାବକଙ୍କ ସହମତିପତ୍ର ଦେବାକୁ କୁହାଯାଇଥିଲା । ସ୍କୁଲ ପକ୍ଷରୁ ଅଭିଭାବକଙ୍କୁ ଦିଆଯାଇଥିବା ସହମତି ପତ୍ର (କନସେଣ୍ଟ୍ ଫର୍ମ)ରେ ଅପାର ଆଇଡି କରିବାକୁ 'ଇଚ୍ଛୁକ ନୁହେଁ' ବା 'ନାଁ' କହିବା ପାଇଁ କୌଣସି ବିକଳ୍ପ ଦିଆଯାଇ ନ ଥିଲା । ଅପାର ଆଇଡି ଇଚ୍ଛାଧୀନ ବୋଲି କୁହାଯାଉଥିବାବେଳେ ଫର୍ମରେ ଅଗ୍ରାହ୍ୟ ବିକଳ୍ପ ବ୍ୟବସ୍ଥା ଦିଆଯାଇ ନଥିବାରୁ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ସହମତିପତ୍ରରେ ମନା କରିବାର ବିକଳ୍ପ ଦିଆଯାଇ ନ ଥିବାରୁ ଅପାର ଆଇଡି ବାଧ୍ୟତାମୂଳକ ବୋଲି ଧରାଯାଉଛି । ଏହା ପିଲାମାନଙ୍କ ଗୋପନୀୟତା ଅଧିକାରକୁ ଉଲ୍ଲଂଘନ କରୁଛି । ପିଲାମାନଙ୍କ ତଥ୍ୟ ତୃତୀୟ ପକ୍ଷ ଜାଣିବାର ଆଶଙ୍କା ରହିଛି ଓ ଏଥିରେ ସୁରକ୍ଷା ବ୍ୟବସ୍ଥା ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ସ୍କୁଲ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଅପାର ଆଇଡି ସମ୍ପୂର୍ଣ୍ଣ ଭାବେ ଇଚ୍ଛାଧୀନ । ସହମତି ନ ଦେବା ବା ପ୍ରତ୍ୟାହାରର ବିକଳ୍ପ କନସେଣ୍ଟ ଫର୍ମରେ ଶେଷରେ ଲେଖାଯାଇଛି । କେବଳ ସେହି ପିଲାଙ୍କର ଅପାର ଆଇଡି ତିଆରି ହେବ ଯେଉଁ ଅଭିଭାବକମାନେ ସହମତି ଦେବେ । ଅଦାଲତ ଉଭୟ ପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ଅପାର ଆଇଡି ବାଧ୍ୟତାମୂଳକ ନୁହେଁ ବୋଲି କହିଛନ୍ତି । ଯେହେତୁ କନସେଣ୍ଟ ଫର୍ମର ପ୍ରାରମ୍ଭରେ 'ଅଗ୍ରାହ୍ୟ ବା ନାକଚ'ର ବିକଳ୍ପ ଲେଖାଯାଇ ନାହିଁ ତେଣୁ ଏହା ଗ୍ରହଣୀୟ ନୁହେଁ । ଦୁଇ ମାସ ମଧ୍ୟରେ କେନ୍ଦ୍ର, ରାଜ୍ୟ ଓ ପ୍ରାଧିକୃତ ଅଧିକାରୀମାନେ କନସେଣ୍ଟ ଫର୍ମରେ ଅଗ୍ରାହ୍ୟ ବିକଳ୍ପ ବ୍ୟବସ୍ଥା ସ୍ପଷ୍ଟ ଭାବେ ଯୋଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଲେ ଯାଜପୁରର ପଥର ଶିଳ୍ପୀ



**ଚଣ୍ଡିଖୋଲ ୧୩।୧୨ ନ୍ୟୁଜ ବ୍ୟୁରୋ**

ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଲେ ଓଡ଼ିଶାର ପଥର ଶିଳ୍ପୀ । ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସୁଭଦ୍ରାପୁର ଗ୍ରାମର ପ୍ରସ୍ତର ଶିଳ୍ପୀ ବ୍ରହ୍ମାନନ୍ଦ ମହାରଣା ପାଇଲେ ଜାତୀୟ ହସ୍ତଶିଳ୍ପ ପୁରସ୍କାର । ସେ ୨୦୨୩ ମସିହା ପାଇଁ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଛନ୍ତି । ସେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନିକଟରୁ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଛନ୍ତି । ତାଙ୍କ ହାତ ତିଆରି ଯୋଗେଶ୍ୱର କୃଷ୍ଣଙ୍କ ମୂର୍ତ୍ତି ପାଇଁ ସେ ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇଛନ୍ତି । ସେ ଦୀର୍ଘ ୧୫ ବର୍ଷ ଧରି ନିଜ ଅଞ୍ଚଳରେ ପଥର ଶିଳ୍ପକୁ ଆପଣେଇ ବହୁ ଲୋକଙ୍କୁ କର୍ମ ନିଯୁକ୍ତି ଯୋଗାଇ ଦେଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ବର୍ଷିୟାନ ସାମ୍ବାଦିକ ଦୁଲାଲ ମିଶ୍ରଙ୍କ ପରଲୋକ

**ଭୁବନେଶ୍ୱର, ୧୩/୧୨**
**ନ୍ୟୁଜ ବ୍ୟୁରୋ**

ରାଜ୍ୟର ଏକାଧିକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ବର୍ଷିୟାନ ସାମ୍ବାଦିକ ଦୁଲାଲ ମିଶ୍ର ଶନିବାର ଅପରାହ୍ଣ ୩.୩୦ ମିନିଟ୍‌ରେ କ୍ୟାପିଟାଲ ହସ୍ପିଟାଲରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଗତ ବର୍ଷକ ତଳେ ସ୍ୱର୍ଗତ ମିଶ୍ରଙ୍କ ପତ୍ନୀ ଶୁଭ୍ରା ମିଶ୍ରଙ୍କ ପରଲୋକ ଘଟିଥିଲା । ସ୍ୱର୍ଗତ ମିଶ୍ର ଭୁବନେଶ୍ୱରରୁ କେନ୍ଦ୍ରାପଡ଼ାସ୍ଥିତ ନିଜ ବାସଭବନ ଇଚ୍ଛାପୁରରେ ଅବସ୍ଥାନ କରୁଥିଲେ । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ । ପୂର୍ବରୁ ହାଇଟେକ୍ ହସ୍ପିଟାଲରେ ସେ ଦୀର୍ଘ ଦେଢମାସ ଧରି ଚିକିତ୍ସିତ ହେବା ପରେ ଗତ ତିନିଦିନ ତଳେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସେ ସେଠାରେ ରହି ଚିକିତ୍ସିତ ହେଉଥିଲେ । ଅନ୍ତିମ ସମୟରେ ତାଙ୍କର ଦୁଇପୁତ୍ର ଦେବାଶିଷ ଓ ଶୁଭାଶିଷ ଏବଂ ପୁତ୍ରବଧୂ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ରଙ୍କ ନିଜ ବାସସ୍ଥାନ କେନ୍ଦ୍ରାପଡ଼ାସ୍ଥିତ ଇଚ୍ଛାପୁର ହୋଇଥିବା ବେଳେ ସେ ଦୀର୍ଘଦିନ ଧରି କଟକ ଓ ଭୁବନେଶ୍ୱରରେ ଅବସ୍ଥାନ କରି ବିଭିନ୍ନ ଓଡ଼ିଆ ସମ୍ବାଦପତ୍ର ସହ ଜଡ଼ିତ ଥିଲେ ।



ଦୈନିକ ସମ୍ବାଦପତ୍ର 'ମାତୃଭୂମି'ର କଟକ ପ୍ରତିନିଧି ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିବା ବେଳେ ୧୯୭୧ ମସିହା ଭାରତ-ବାଲାଂଦେଶ ଯୁଦ୍ଧର ପ୍ରତ୍ୟକ୍ଷ ବିବରଣୀର ଖବର ରଣଭୂମି ସମ୍ବାଦପତ୍ରକୁ ଦେଉଥିଲେ । ପରବର୍ତ୍ତୀ ସମୟରେ ଭୁବନେଶ୍ୱରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଦିନଲିପି' ଏବଂ ବାଲେଶ୍ୱରରୁ ପ୍ରକାଶିତ ଦୈନିକ ସମ୍ବାଦପତ୍ର 'ଆଜିକାଲି'ର ସମ୍ପାଦକ ଓ ମୁଖ୍ୟ ସମ୍ପାଦକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ସମ୍ପାଦନ କରିଥିଲେ । ସେ ଜଣେ ସଚ୍ଚୋଟ, ନିରପେକ୍ଷ ଓ ନିର୍ଭୀକ ସାମ୍ବାଦିକ ଭାବେ ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ସାରଦା ପ୍ରସନ୍ନ ନନ୍ଦ, ପ୍ରଦୋଷ ପଟ୍ଟନାୟକ, ବିବେକା ନନ୍ଦ ଜେନା, ଦେବେନ୍ଦ୍ର ସୁଆର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଅରବିନ୍ଦ ମିଶ୍ର ଓ ସନତ ମିଶ୍ର ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମିଶ୍ରଙ୍କ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ଦେବାଶିଷ ମିଶ୍ର ମୁଖାଗ୍ନି ଦେଇଥିଲେ ।

# ଏମଭି-୨୬ରେ ଶାନ୍ତି ପାଇଁ ପୁଲିସର ବ୍ୟାପକ ପଦକ୍ଷେପ

**ମାଲକାନଗିରି, ୧୪।୧୨**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲା ଏମଭି-୨୬ ଗ୍ରାମରେ ଶାନ୍ତି ଫେରାଇବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ରଖେଲଗୁଡା ଗ୍ରାମର ମହିଳାଙ୍କ ମୃତ୍ୟୁକୁ ନେଇ ଦୁଇ ଗାଁ ଭିତରେ ଅଶାନ୍ତି ଉପୁଜିଥିଲା । ଏହି ଘଟଣାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ସୁକରଞ୍ଜନ ମଣ୍ଡଳଙ୍କୁ ୩ ଦିନ ପୂର୍ବେ ପୁଲିସ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରିବା ପରେ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରିଛି । ଅପରାଧରେ ବ୍ୟବହୃତ ଅସ୍ତ୍ରକୁ ପୁଲିସ ଜବତ କରିଛି । ମୃତ ଶରୀରର ମୁଣ୍ଡ ପୁଲିସ ଉପସ୍ଥିତିରେ ଜବତ କରି ସମ୍ମାନର ସହିତ ସଠିକ୍ ଭାବରେ ସତ୍କାର କରାଯାଇଛି । ଲୋକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ବିଏସଏଫ, ସିଆରପିଏଫ, ସିଏପିଏଫ ସହ ପୁଲିସ ଫୋର୍ସ ବ୍ୟାପକ ଭାବେ ମୁତୟନ କରାଯାଇଛି ଏବଂ ଫ୍ଲାଗ ମାର୍ଚ୍ଚ କରାଯାଉଛି । ଏହା ସହ ପୁଲିସ ଷ୍ଟେସନ ସ୍ତରରେ ଶାନ୍ତି ବୈଠକ କରାଯାଉଛି । ଶାନ୍ତି ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ଜନସାଧାରଣଙ୍କୁ ଅପିଲ କରାଯାଇଛି । ଏହି ମାମଲାରେ କଠୋର ଏବଂ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ମାଲକାନଗିରି ପୁଲିସ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛି । ନ୍ୟାୟ ପ୍ରଦାନ କରିବା ପାଇଁ ତଦନ୍ତ ଗୁରୁତର ସହିତ ଚାଲିଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ତାଙ୍କ ବାସ ଭବନରେ ବିଶିଷ୍ଟ ଗାଳ୍ପିକ ତଥା ସ୍ତମ୍ଭକାର ବିଜୟ ନାୟକଙ୍କ ରଚିତ ଗଳ୍ପ ସଂକଳନ "ସୁବ୍ରତ ଏବେ କେଉଁଠି" ଉନ୍ମୋଚନ କରୁଛନ୍ତି । ଶ୍ରୀ ନାୟକ ଏବେ ମହାମହିମ ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ ସେକ୍ରେଟାରୀ ଭାବେ କାର୍ଯ୍ୟରତ ଅଛନ୍ତି । ଏହି ପୁସ୍ତକ ପ୍ରକାଶନୀ ସଂସ୍ଥା ବିଦ୍ୟାପୁରୀ ଦ୍ୱାରା ପ୍ରକାଶିତ ।

# ୧୬ ମାସ ପରେ ମାଟି ତଳୁ ଉଦ୍ଧାର ହେଲା ରାମୁ ହାତୀର କଙ୍କାଳ

**ବାରଙ୍ଗ, ୧୩।୧୨**
**ନ୍ୟୁଜ ବ୍ୟୁରୋ**

ରାମୁ ହାତୀ କଙ୍କାଳ ଉଦ୍ଧାର ଉପରେ ପ୍ରତିକ୍ରିୟା ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ରାମୁ ଜଙ୍ଗଲ ବିଭାଗ ପାଇଁ ଆଇକନିକ ଥିଲା । ଲିଜେଣ୍ଡରି ଥିଲା । ତା'ପ୍ରତି ଜଙ୍ଗଲ ବିଭାଗର ସମ୍ମାନ ଥିଲା । ଚନ୍ଦକା ଜଙ୍ଗଲର ବରିଷ୍ଠ ସଦସ୍ୟ ରାମୁ ଥିଲା ବୋଲି ମନ୍ତ୍ରୀ କହିଛନ୍ତି । ଆଗକୁ ଫରେଷ୍ଟ୍ରି ବିଭାଗ ଛାତ୍ରଛାତ୍ରୀମାନେ ରାମୁ ଉପରେ ଗବେଷଣା କରିବେ । ଏତେ ବର୍ଷ ଧରି ଗୋଟିଏ ସ୍ଥାନରେ କେମିତି ବଞ୍ଚିଲା ଜାଣିବାକୁ ପାଇବେ । ଏତେ ବର୍ଷ ଧରି ଚନ୍ଦକା ଅଭୟାରଣ୍ୟରେ ରହିବା ବହୁତ୍ ବଡ ଘଟଣା । ରାମୁ କଙ୍କାଳ ମ୍ୟୁଜିୟମକୁ ଆସିବା ବଡ ଘଟଣା ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ କହିଛନ୍ତି ।



ସୂଚନାଯୋଗ୍ୟ ଯେ, ଭରତପୁର ଜଙ୍ଗଲ ମଧ୍ୟରେ ପୋତା ଯାଇଥିବା ରାମୁ ହାତୀର କଙ୍କାଳକୁ ପ୍ରାୟ ୧୬ ମାସ ପରେ ଉଦ୍ଧାର କରାଯାଇଛି । ଉଦ୍ଧାର ପରେ ରାମୁର କଙ୍କାଳକୁ ଗୋଡ଼ିବାରି ପ୍ରକୃତି ଉଦ୍ୟାନ ମଧ୍ୟରେ ସଂରକ୍ଷିତ ରଖାଯିବ । ଏଠାରେ ପର୍ଯ୍ୟଟକ, ଦର୍ଶକ ଓ ଛାତ୍ରଛାତ୍ରୀମାନେ ରାମୁର କଙ୍କାଳକୁ ପ୍ରତ୍ୟକ୍ଷଭାବେ ଦେଖିବା ସହ ତା'ର ଇତିହାସ ବିଷୟରେ ଜାଣି ପାରିବେ ଓ ଅଧ୍ୟୟନ କରିପାରିବେ । ବରିଷ୍ଠ ପ୍ରାଣୀ ବିଜ୍ଞାନୀ ଡ଼ ଶିବ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ୨୫ ଜଣିଆ ବିଶେଷଜ୍ଞ ଟିମ୍ ଗଠନ କରାଯାଇଥିଲା । ଏଥିରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ ମଧ୍ୟ ସାମିଲ ରହିଥିଲେ । ଚନ୍ଦକା ଡମପଡା ଅଭୟାରଣ୍ୟର ସବୁଠୁ ବୟସ୍କ ଏବଂ ବଡ଼ ଅଣ୍ଡିରା ହାତୀ ଥିଲା ରାମୁ । ମୃତ୍ୟୁ ବେଳକୁ ରାମୁର ବୟସ ୪୦ ବର୍ଷ ହୋଇଥିଲା । ୨୦୨୪ ଅଗଷ୍ଟ ୧୯ ତାରିଖରେ ବିଦ୍ୟୁତ୍ ଆଘାତରେ ଭରତପୁର ଜଙ୍ଗଲରେ ରାମୁର ମୃତ୍ୟୁ ଘଟିଥିଲା । ରାମୁ ମଣିଷଙ୍କୁ ଆକ୍ରମଣ କରୁନଥିଲା କି ଘର ଭାଙ୍ଗୁନଥିଲା । ଜନବସତିରେ ରାମୁର ଉପସ୍ଥିତି ଲୋକଙ୍କୁ କୌଣସି ପ୍ରଭାବ ପକାଉନଥିଲା । ଲୋକମାନେ ନିର୍ଭୟରେ ରହୁଥିଲେ । ରାମୁର ଏଭଳି ଆଚରଣକୁ ଅଞ୍ଚଳବାସୀ ବେଶ୍ ଭଲ ପାଉଥିଲେ ।

ଦୀର୍ଘଦିନ ପରେ ମାଟି ତଳୁ କଙ୍କାଳ ବାହାର କରିବା ସମୟରେ ଦୁର୍ଗନ୍ଧ କିମ୍ବା ଜୈବିକ ସଂକ୍ରମଣ ନ ହେବା ପାଇଁ ମାଟି ଖୋଳାରେ ନିୟୋଜିତ କର୍ମଚାରୀ ପିପିଇ କିଟ୍ ପିନ୍ଧି କାର୍ଯ୍ୟ କରିଥିଲେ । ମାଟି ତଳୁ କଙ୍କାଳ ଉଦ୍ଧାର ପରେ ତାହାକୁ ରାସାୟନିକ ପଦାର୍ଥରେ ସଫା କରାଯାଇଥିଲା । ପରବର୍ତ୍ତୀ ସମୟରେ ସୁରକ୍ଷିତ ଭାବେ ଏହାକୁ ସଂରକ୍ଷଣ କରାଯିବ । ଅଗ୍ନି ନିରାପତ୍ତା ବ୍ୟବସ୍ଥା, ହାଡ଼ଗୁଡ଼ିକୁ ଗାତ ମଧ୍ୟରୁ ବାହାର କରିବା ପାଇଁ ଟ୍ରଲି ମଧ୍ୟ ସାମିଲ କରାଯାଇଥିଲା । ସକାଳ ୮ ଟାରୁ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଦୀର୍ଘ ୧୧ ଘଣ୍ଟା ଯାଏ ଏହି ଅପରେସନ ଚାଲିଥିଲା । ଅଧିକ ସନ୍ଧ୍ୟା ହୋଇଯିବାରୁ ତାହାକୁ ଗୋଡ଼ିବାରି ପ୍ରକୃତି ଉଦ୍ୟାନକୁ ସ୍ଥାନାନ୍ତର କରାଯାଇପାରିନାହିଁ । ଭରତପୁର ଟାୱାର ନିକଟରେ ରାମୁର କଙ୍କାଳ ରହିଛି । ରବିବାର ଗୋଡ଼ିବାରୀ ପ୍ରକୃତି ଉଦ୍ୟାନକୁ ପଠାଯିବ । ହାତୀ କଙ୍କାଳ ଉଦ୍ଧାର କରାଯାଇ ଏହାକୁ ସଂରକ୍ଷଣ କରିବାରେ ରାମୁ ହେଉଛି ଦ୍ୱିତୀୟ । ପୂର୍ବରୁ ଶଙ୍କର ହାତୀର କଙ୍କାଳକୁ ରାଜ୍ୟ ସଂଗ୍ରହାଳୟର ମ୍ୟୁଜିୟମରେ ରଖା ଯାଇଛି । ସେହିପରି ରାମୁର କଙ୍କାଳକୁ ମଧ୍ୟ ଯୋଡ଼ାଯାଇ ସଂରକ୍ଷଣ କରାଯିବ । ଯାହାକୁ ଦର୍ଶକ ଦେଖିବାକୁ ପାଇବେ ଏବଂ ଲୋକଙ୍କ ମନରେ ସାରାଜୀବନ ବଞ୍ଚି ରହିବ ରାମୁ । ଏହି ଉଦ୍ଧାର ପ୍ରକ୍ରିୟାରେ ଚନ୍ଦକା ଡିଏଫଓ ବିନୋଦ ଆଚାର୍ଯ୍ୟ, ଚନ୍ଦକା ବନାଞ୍ଚଳ ଅଧିକାରୀ ଉତ୍ତମ ସାହୁ, ଖଣ୍ଡଗିରି ଉପ ବନାଞ୍ଚଳ ଅଧିକାରୀ ଧ୍ୟାନ ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ମାଟ୍ରିକ ପରୀକ୍ଷା : ସବୁ କେନ୍ଦ୍ରରେ ଲାଗିବ ସିସିଟିଭି

**କଟକ, ୧୩/୧୨**
**ନ୍ୟୁଜ ବ୍ୟୁରୋ**

ଆସନ୍ତା ଫେବୃୟାରୀ ୧୯ରୁ ଆରମ୍ଭ ହେବାକୁ ଥିବା ୨୦୨୬ ମାଟ୍ରିକ ପରୀକ୍ଷାକୁ ଏଥର ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିବାକୁ କଡା ଆଭିମୁଖ୍ୟ ଗ୍ରହଣ କରିଛି ବୋର୍ଡ । ବିଶେଷକରି କୌଣସି ପରୀକ୍ଷାର୍ଥୀ ଯେପରି ଅସାଧୁ ଉପାୟ ଅବଲମ୍ବନ ନକରନ୍ତି ସେଥିପାଇଁ ପ୍ରଥମ ଥର ପାଇଁ ରାଜ୍ୟର ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରିବାକୁ କଡା ନିର୍ଦ୍ଦେଶ ଦେଇଛି ବୋର୍ଡ । ଯେଉଁ କେନ୍ଦ୍ରରେ ସିସିଟିଭି ନଥିବ ସେଠାରେ ବୋର୍ଡ ପକ୍ଷରୁ ସିସିଟିଭି ଲଗାଯିବ । ଏନେଇ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ନିଜେ ଶନିବାର ଏକ ସମ୍ବାଦ ସରବରାହକୁ ସୂଚନା ଦେଇ କହିଛନ୍ତି । ଏଥର ୫ ଲକ୍ଷ ୬୦ ହଜାର ୫୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ଏବଂ ସମସ୍ତ ୩୦୨୬ଟି ପରୀକ୍ଷା କେନ୍ଦ୍ରରେ ଲାଇଭ୍ ସିସିଟିଭି କ୍ୟାମେରା ଲଗାଯିବ । ଯେଉଁ କେନ୍ଦ୍ରରେ ପୂର୍ବରୁ ସିସିଟିଭି ନାହିଁ, ସେଠାରେ ବୋର୍ଡ ନିଜ ଖର୍ଚ୍ଚରେ ଲାଇଭ୍ ସିସିଟିଭି ବ୍ୟବସ୍ଥା କରିବେ ବୋଲି ସଭାପତି କହିଛନ୍ତି । ଏହି ସମସ୍ତ କ୍ୟାମେରାର ଫିଡ୍ ବୋର୍ଡ଼ କାର୍ଯ୍ୟାଳୟ ସ୍ଥିତ କମାଣ୍ଡ କଣ୍ଟ୍ରୋଲ ରୁମ୍‌ରେ ମନିଟର କରାଯିବ । ପୂର୍ବରୁ କେବଳ ୩୧୩ଟି ନୋଡାଲ ସେଣ୍ଟରରେ ହିଁ ଏହା ଥିଲା ବୋଲି କହିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ବୋର୍ଡ ସଭାପତି ଆହୁରି କହିଛନ୍ତି, ଏହା ସହିତ ପ୍ରଶ୍ନପତ୍ର ଲିକ୍ ରୋକିବାକୁ ନୂଆ ବ୍ୟବସ୍ଥା କରାଯାଇଛି । ପ୍ରତିଟି ପ୍ରଶ୍ନପତ୍ରର ପ୍ରତି ପୃଷ୍ଠାରେ ଦୁଇଟି ଲାଇନ୍ ୱାଟରମାର୍କ ରହିବ । ପୃଷ୍ଠାର ତଳୁ ଉପର ପର୍ଯ୍ୟନ୍ତ ଦୁଇଟି ଯାକ ଲାଇନ୍ ଥିବ । ଏହା ଦ୍ୱାରା କୌଣସି ପ୍ରଶ୍ନପତ୍ର ଫଟୋ ଉଠାଇ ଲିକ୍ ହେଲେ ତୁରନ୍ତ ଚିହ୍ନଟ ହୋଇଯିବ ଏବଂ ସେହି କେନ୍ଦ୍ର ଓ ସେଟ୍ ନମ୍ବର ଧରାପଡ଼ିବ । ଗତବର୍ଷ କେବଳ ଗୋଟିଏ ଲାଇନର ଏହି ୱାଟରମାର୍କ ବ୍ୟବସ୍ଥା ଥିଲା । କେବଳ ସେତିକି ନୁହେଁ ବରଂ ବୋର୍ଡ କାର୍ଯ୍ୟାଳୟରୁ ନୋଡାଲ ସେଣ୍ଟରକୁ ଯାଉ ଥିବା ପ୍ରଶ୍ନ ପତ୍ର କଣ୍ଟେନରରେ ଜିପିଏସ୍ ଲଗାଯିବ । ସେହିପରି ପରୀକ୍ଷାକୁ ଆହୁରି ଶୃଙ୍ଖଳିତ କରିବାକୁ ପ୍ରତ୍ୟେକ ଜିଲ୍ଲପାଳମାନଙ୍କୁ ଚିଠି ଲେଖାଯାଇଛି । ବିଶେଷକରି ଜଣେ ଏଡିଏମ୍ ଏବଂ ଜଣେ ଏଡିଓଙ୍କୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେବାକୁ ଜିଲ୍ଲପାଳଙ୍କୁ ଚିଠି ଲେଖାଯାଇଛି । ସେହିପରି ମାଓ ଅଞ୍ଚଳ ଏବଂ ଜେଲରେ କଏଦୀମାନେ କିପରି ପରୀକ୍ଷା ଦେବେ ସେନେଇ ମଧ୍ୟ କଡା ପଦକ୍ଷେପ ଗ୍ରହଣ କରିଛି ବୋର୍ଡ । ତେବେ ସମସ୍ତ ଅଭିଭାବକ ମାନଙ୍କୁ ସହାୟତା କରିବାକୁ ସଭାପତି ନିବେଦନ କରିଛନ୍ତି ।